MAKE IN INDIA

*In service of the nation*

**INDIAN RAILWAYS**

www.indianrailways.gov.in

Follow us on /Railminindia

EK BHARAT SHRESHTHA BHARAT



# ଯାତ୍ରୀଙ୍କ ଆରାମ ପାଇଁ ସ୍ଥାପନ କରିଛୁ ଶ୍ରେଷ୍ଠତର ମାନକ

ଯାତ୍ରୀଙ୍କ ପ୍ରତ୍ୟାଶାକୁ ପୂରଣ କରିବା ଏବଂ ସେମାନଙ୍କୁ ଉତ୍ତମ ସୁବିଧା ସୁଯୋଗ ଯୋଗାଇବା ନିମନ୍ତେ ଭାରତୀୟ ରେଳପଥ ସର୍ବଦା ନିଜକୁ ଉନ୍ନତ କରିବାରେ ବିଶ୍ୱାସ କରିଆସିଛି । ଯାତ୍ରୀଙ୍କ ଆରାମ ପାଇଁ ବିଭିନ୍ନ ସେବାଗୁଡ଼ିକର ଉନ୍ନତୀକରଣ ଓ ରକ୍ଷଣାବେକ୍ଷଣ ଆମର ଅନ୍ୟତମ ସର୍ବୋଚ୍ଚ ପ୍ରାଥମିକତା ରହିଆସିଛି । ଯାତ୍ରୀମାନଙ୍କ ଆବଶ୍ୟକତା ଏବଂ ଆକାଂକ୍ଷାଗୁଡ଼ିକୁ ଦୃଷ୍ଟିରେ ରଖି ଏହି ଲକ୍ଷ୍ୟ ସାଧନ ପାଇଁ ଆମେ ପ୍ରତିବଦ୍ଧ ।












## ଯାତ୍ରୀଙ୍କ ଆରାମ ପାଇଁ ସୁବିଧା-ସୁଯୋଗଗୁଡ଼ିକର ରୂପାନ୍ତରଣ କରୁଛି ରେଳପଥ

- ୬୯୭ ଗୋଟି ଷ୍ଟେଶନରେ ସମନ୍ୱିତ ଯାନ୍ତ୍ରିକ ସଫେଇର ବ୍ୟବସ୍ଥା
- ଷ୍ଟେଶନଗୁଡ଼ିକରେ ଏସ୍କାଲେଟର ସଂଖ୍ୟା ୨୦୧୪ରେ ଥିବା ୧୯୯ରୁ ୬୦୩କୁ ବୃଦ୍ଧି
- ଷ୍ଟେଶନଗୁଡ଼ିକରେ ଲିଫ୍ଟର ସଂଖ୍ୟା ୨୦୧୪ରେ ଥିବା ୯୭ରୁ ୪୪୫କୁ ବୃଦ୍ଧି
- ୧,୩୭୩ ଗୋଟି ଟ୍ରେନ୍ ପାଇଁ ଏସ୍ଏମ୍ଏସ୍ ସତର୍କତା ସୁବିଧା ଯାହା ଟ୍ରେନ୍ ବିଳମ୍ବ ସମ୍ପର୍କରେ ଯାତ୍ରୀଙ୍କୁ ସୂଚିତ କରିବ
- ୬୩ ଗୋଟି ଷ୍ଟେଶନରେ ବ୍ୟାଟେରିଚାଳିତ ଗାଡ଼ି (ବିଓଭି)ର ବ୍ୟବସ୍ଥା
- ଯାତ୍ରୀ ମିତ୍ର ସେବା: ପ୍ରମୁଖ ଷ୍ଟେଶନଗୁଡ଼ିକରେ ହ୍ୱିଲଚେୟାର୍ ତଥା ପୋର୍ଟର୍ ବୁକିଂର ବ୍ୟବସ୍ଥା, ଯାହାଦ୍ୱାରା ବୃଦ୍ଧଜନ ଏବଂ ଭିନ୍ନକ୍ଷମ ଯାତ୍ରୀମାନେ ଲାଭାନ୍ୱିତ ହୋଇପାରୁଛନ୍ତି
- ପ୍ରମୁଖ ଷ୍ଟେଶନଗୁଡ଼ିକରେ ମା'ମାନଙ୍କ ପାଇଁ ଶିଶୁଙ୍କ ସ୍ତନ୍ୟପାନ କରାଇବା ଲାଗି ସ୍ୱତନ୍ତ୍ର ରୁମ୍ର ବ୍ୟବସ୍ଥା
- ଉତ୍ତମ ଆଲୋକୀକରଣ ଏବଂ ହ୍ରାସିତ ଶକ୍ତି ଉପଯୋଗ ପାଇଁ ସମସ୍ତ ଷ୍ଟେଶନରେ ୧୦୦% ଏଲ୍ଇଡି ଆଲୋକ ବ୍ୟବସ୍ଥା
- ଭାରତର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପ୍ରଦର୍ଶିତ କରିବା ପାଇଁ ଷ୍ଟେଶନ ଏବଂ ରେଳଗୁଡ଼ିକ ବିଭିନ୍ନ ପ୍ରାଚୀର ଚିତ୍ର ଏବଂ ଚିତ୍ରକଳାରେ ସଜ୍ଜିତ

**ଏବେ ଅସମ୍ଭବ**
**ହୋଇଛି ସମ୍ଭବ**



ବରଂ ଜନ୍ମ ନ ହେବା ଭଲ, କିନ୍ତୁ ଜନ୍ମ ହୋଇ ଅଜ୍ଞତା ଭିତରେ ବୁଡ଼ି ରହିବାଟା ହେଉଛି ସବୁଠାରୁ ବଡ଼ ଦୁର୍ଭାଗ୍ୟ।
- ପ୍ଲାଟୋ



ମହାଶିବରାତ୍ରି ପାଇଁ ଶ୍ରୀଲିଙ୍ଗରାଜ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଗହଳି।



ଶ୍ରୀଲିଙ୍ଗରାଜ ମନ୍ଦିରରେ ଶ୍ରଦ୍ଧାଳୁମାନେ ଦୀପ ଜାଳୁଛନ୍ତି।

# ଶିବମୟ ରାଜଧାନୀ

ଭୁବନେଶ୍ୱର,୪।୩(ବ୍ୟୁରୋ)

ମହାଶିବରାତ୍ରି ଅବସରରେ ସୋମବାର ଶିବମୟ ହୋଇଉଠିଥିଲା ସମଗ୍ର ରାଜଧାନୀ। ଶିବ ପଞ୍ଚାକ୍ଷରୀ ମନ୍ତ୍ରରେ ଏକାମ୍ର କ୍ଷେତ୍ର ପ୍ରକମ୍ପିତ ହୋଇଥିଲା। ଘଣ୍ଟି, ହୁଳହୁଳିରେ ଉଚ୍ଛୁଳି ପଡ଼ିଥିଲା ସହରର ସମସ୍ତ ଶୈବପୀଠ। ଆବାଳବୃଦ୍ଧବନିତା ସମସ୍ତେ ସାମିଲ ହୋଇଥିଲେ ଦେବାଧିଦେବ ମହାଦେବଙ୍କ ଆରାଧନାରେ। ଏକାକାର ହୋଇଥିଲେ ଭକ୍ତ ଓ ଭଗବାନ। ସନ୍ଧ୍ୟା ହେବା କ୍ଷଣି ରାଜଧାନୀ ରାଜରାସ୍ତା ହୋଇଉଠିଥିଲା ଚଳଚଞ୍ଚଳ। ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମନ୍ଦିରଠାରୁ ଆରମ୍ଭ କରି କେଦାରଗୌରୀ ମନ୍ଦିର, ଖରାଖିଆ ବୈଦ୍ୟନାଥ, ରାମେଶ୍ୱର, ଲକ୍ଷ୍ମଣେଶ୍ୱର, ମୁକ୍ତେଶ୍ୱର, ମେଘେଶ୍ୱର, ଜମ୍ବେଶ୍ୱର, ଚିନ୍ତାମଣିଶ୍ୱର, ଶତ୍ରୁଘନେଶ୍ୱର ଭଳି ପ୍ରମୁଖ ଶୈବପୀଠରେ ଭକ୍ତିମୟ ପରିବେଶରେ ଭିଜିଥିଲେ ଭକ୍ତ।

ଭୁବନେଶ୍ୱରର ବିଭିନ୍ନ ଶୈବପୀଠରେ ଭୋର୍ ୪ଟା ୩୦ରେ ସାହାଣ ମେଲା ହୋଇଥିଲା। ମହାପ୍ରଭୁଙ୍କ ସ୍ନାନକାର୍ଯ୍ୟ ସମ୍ପନ୍ନ ହେବା ପରେ ଶ୍ରଦ୍ଧାଳୁମାନେ ଦର୍ଶନ ଆରମ୍ଭ କରିଥିଲେ। ସକାଳୁ ପୂର୍ବାହ୍ନ ପର୍ଯ୍ୟନ୍ତ ଛୋଟବଡ଼ ସମସ୍ତ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଗହଳି ଲାଗିରହିଥିଲା। ଶାନ୍ତି ଶୃଙ୍ଖଳାର ସହ ଭୋଳାନାଥଙ୍କ ଦର୍ଶନ ପାଇଁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା। ସକାଳ ୮ଟା ପରଠାରୁ ପ୍ରାୟ ସବୁ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଲମ୍ବାଧାଡ଼ି ଲାଗିଯାଇଥିଲା। ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ପୂଜାର୍ଚ୍ଚନା ଚାଲିଥିଲା। ୧୨ଟାରେ ରୁଦ୍ରାଭିଷେକ ଓ ସନ୍ଧ୍ୟା ୬ଟାରେ ସନ୍ଧ୍ୟା ଆଳତି ମହାଆଡ଼ମ୍ବରରେ ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ପୁଣିଥରେ ସର୍ବସାଧାରଣଙ୍କ ପାଇଁ ମନ୍ଦିର ଖୋଲାଯିବା ପରେ ଶ୍ରଦ୍ଧାଳୁମାନେ ପରିବାରର ସୁଖ ଶାନ୍ତି କାମନା କରି ଜାଗର ଦୀପ ଜାଳିଥିଲେ। ଲିଙ୍ଗରାଜ ମନ୍ଦିରରେ ମହାଦୀପ ଉଠିବା ପରେ ରାଜଧାନୀର ଅଧିକାଂଶ ମନ୍ଦିରରେ ମହାଦୀପ ଉଠିଥିଲା। ଜିଜିପି କଲୋନୀସ୍ଥିତ ନୀଳକଣ୍ଠେଶ୍ୱର ମନ୍ଦିର, ନୀଳାଦ୍ରି ବିହାରର ଈଶାନେଶ୍ୱର ମନ୍ଦିର, ଚନ୍ଦ୍ରଶେଖରପୁରସ୍ଥିତ ସ୍ୱପ୍ନେଶ୍ୱର ମନ୍ଦିର, ମୈତ୍ରୀ ବିହାରସ୍ଥିତ ନୀଳକଣ୍ଠେଶ୍ୱର ମନ୍ଦିର, କାନନବିହାରସ୍ଥିତ କାନନେଶ୍ୱର, ପଟିଆ ମହାଦେବ, କଳାରାହାଙ୍ଗର ଜଳେଶ୍ୱର ମନ୍ଦିରରେ ରାତି ୧୦ଟା ପରେ ମହାଦୀପ ଉଠିଥିଲା। ସେହିପରି ମଞ୍ଚେଶ୍ୱରର ମଞ୍ଜନାଥ ମନ୍ଦିର, ବାଣୀବିହାରସ୍ଥିତ ଆଖଣ୍ଡଳମଣି ମହାଦେବ ମନ୍ଦିର, କେଦାରେଶ୍ୱର ଓ ବିଶ୍ୱେଶ୍ୱର ମନ୍ଦିର, ଭିଏସ୍ଏସ୍ ନଗରସ୍ଥିତ ଭୁବନେଶ୍ୱରୀ ମନ୍ଦିର, ରଙ୍ଗମାଟିଆସ୍ଥିତ ରଙ୍ଗେଶ୍ୱର ମନ୍ଦିର, ଚକେଇସିହାଣୀସ୍ଥିତ ସୋମନାଥ ମନ୍ଦିର ଏବଂ କଟକ ରୋଡ଼ସ୍ଥିତ ବୁଦ୍ଧେଶ୍ୱରୀ ମନ୍ଦିରରେ ମଧ୍ୟ ରାତି ୧୦ଟାରେ ମହାଦୀପ ଉଠିବା ପରେ ଭକ୍ତମାନେ ପ୍ରସାଦ ସେବନ କରିଥିଲେ।

## ଅନାଥ ପିଲାଙ୍କୁ ପ୍ରସାଦ ବାଣ୍ଟିଲେ

ନୟାପଲ୍ଲୀ କୃଷ୍ଣ ବଳରାମ ବିହାରରେ ଥିବା ଧବଳେଶ୍ୱର ମନ୍ଦିରରେ ଏକ ନିଆରା ପରମ୍ପରା ଦେଖିବାକୁ ମିଳିଥିଲା। ମହାଶିବରାତ୍ରି ଅବସରରେ ଏଠାରେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଅନାଥ ପିଲାମାନଙ୍କ ପାଇଁ ଭୋଜନ ବ୍ୟବସ୍ଥା କରାଯାଇଥିଲା। ରାତି ୧୦ଟା ପରେ ମହାଦୀପ ଉଠିଥିବା ବେଳେ ୧୦ଟା ୩୦ରେ ଭକ୍ତମାନଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା। ଏହି ଅବସରରେ ଶ୍ରଦ୍ଧାଳୁମାନେ ୧୦୦୮ ଶିବମନ୍ତ୍ର ଜପ କରିଥିଲେ।

## ସ୍ୱପ୍ନେଶ୍ୱର ମନ୍ଦିରରେ ହରିହର ଭେଟ

ଆଇଆର୍ସି ଭିଲେଜରେ ଥିବା ସ୍ୱପ୍ନେଶ୍ୱର ମନ୍ଦିରରେ ମହାଆଡ଼ମ୍ବରରେ ଜାଗର ପାଳିତ ହୋଇଯାଇଛି। ଏହି ଅବସରରେ ମନ୍ଦିର ପରିସରରେ ଶହ ଶହ ଭକ୍ତ ଉପସ୍ଥିତ ରହି ମାନସିକ ପୂରଣ ନିମନ୍ତେ ଚାଉଳ ଓ ଧାନ ଉପରେ ଜାଗର ଦୀପ ଜାଳିଥିଲେ। ରାତି ୮ଟା ୫୦ରେ ଏଠାରେ ମହାଦୀପ ଉଠିବା ପରେ ଶିବଙ୍କ ପ୍ରଥମ ରହଣି ଭୋଗ ଭକ୍ତଙ୍କୁ ପ୍ରଦାନ କରାଯାଇଥିଲା। ରାତି ୪ଟାରେ ଏଠାରେ ହରିହର ଭେଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ମନ୍ଦିର ପରିଚାଳନା କମିଟି ପକ୍ଷରୁ ସୂଚନା ଦିଆଯାଇଛି।

## ବ୍ରହ୍ମେଶ୍ୱରରେ ଆକର୍ଷଣ ସାଜିଲା ଭଜନ ସନ୍ଧ୍ୟା

ବ୍ରହ୍ମେଶ୍ୱର ମନ୍ଦିରରେ ଲର୍ଡ ବ୍ରହ୍ମେଶ୍ୱର ଦେବ ଟେମ୍ପୁଲ ଟ୍ରଷ୍ଟବୋର୍ଡ ପକ୍ଷରୁ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁମ୍ବାଇର ଖ୍ୟାତନାମା କଣ୍ଠଶିଳ୍ପୀ ପାମେଲା ଜୈନ୍, ସାରିକା ସିଂ ଓ ପ୍ରିୟଙ୍କା ମିତ୍ର ଯୋଗଦେଇ ଭାବଭରା ଭଜନମାନ ପରିବେଷଣ କରିଥିଲେ। ଏହାସହ କଣ୍ଠଶିଳ୍ପୀ ଇରା ମହାନ୍ତି, କୁମାର ବାପି, ଶୈଳଭାମା ମହାପାତ୍ର ପ୍ରମୁଖ ଏଠାରେ ଭଜନ ପରିବେଷଣ କରିଥିଲେ। ମନ୍ଦିରରେ ଭୋର ୪ଟା ୩୦ରୁ ସାହାଣମେଲା ଦର୍ଶନ ହୋଇଥିଲା।

## ନକଲି ପାସ୍କୁ ନେଇ ଯୁବକ ହଟହଟା

ବହୁ କଟକଣା ସତ୍ତ୍ୱେ ଜନୈକ ଯୁବକ ନକଲି ପାସ ଦ୍ୱାରା ମନ୍ଦିର ଭିତରକୁ ପଶିଯାଇଥିଲେ। ପରେ ପୋଲିସ ଏହା ଜାଣିପାରି ଯୁବକଜଣଙ୍କୁ ଅଟକାଇ ଥିଲେ। ଯାଞ୍ଚ ପରେ ଟିକଟଟି ନକଲି ବୋଲି ଜଣାପଡିବା ପରେ ଯୁବକ ଜଣକ ଦର୍ଶନ କରିବାରୁ ବଞ୍ଚିତ ହୋଇଥିଲେ। ଏ ସମ୍ପର୍କରେ ଲିଙ୍ଗରାଜ ଥାନାଧିକାରୀ ଶରତ ଚନ୍ଦ୍ର ପାତ୍ର କୁହନ୍ତି, ଏଭଳି ଘଟଣା ପରେ ଯୁବକ ଜଣକୁ ଅଟକା ଯାଇ ନକଲି ପାସ ବିଷୟରେ ପଚରାଉଚୁରା କରାଯାଇଥିଲା। ଏ ନେଇ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି। ଏପରିକି ଏଭଳି ବିଭିନ୍ନ ନକଲି ପାସ ବାହାରୁ ମିଳିଥିବା ଜଣାପଡ଼ିଛି। ଏହି ଘଟଣା ଜଣାପଡ଼ିବା ପରେ ପୋଲିସ ଓ ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଇ ପରେ ଏ ନେଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜଣାପଡ଼ିଛି। ଏହାସହ ପୋଲିସ ପକ୍ଷରୁ ରଦ୍ଦ ହୋଇଯାଇଥିବା ୪ଟି ପାସ ଲୋକଙ୍କୁ ଦିଆଯାଇଥିବା ଅଭିଯୋଗ ହୋଇଛି।

# ଅନୁପ୍ ଜଲୋଟା, ଅନୁରାଧାଙ୍କ ଭଜନରେ ହଜିଲେ ଶ୍ରୋତା

ପୁରୁଣା ଭୁବନେଶ୍ୱର,୪।୩(ଡି.ଏନ.ଏ.)

ଶ୍ରୀଲିଙ୍ଗରାଜ ମନ୍ଦିର ପରିସରରେ ଶ୍ରଦ୍ଧାଳୁମାନେ ସୋମବାର ଭକ୍ତିର ଦୀପ ଜାଳି, ଶିବ ସ୍ତୁତି କରି ଉଜାଗର ରହିଥିବାବେଳେ ସନ୍ଧ୍ୟାରୁ ଶେଷ ପ୍ରହର ଯାଏ ମନ୍ଦିର ବାହାରେ ପରିବେଷିତ ହୋଇଥିଲା ହୃଦୟସ୍ପର୍ଶୀ ଭଜନ। ପ୍ରତିବର୍ଷ ଭଳି ଏଥର ମଧ୍ୟ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଆୟୋଜିତ ହୋଇଥିଲା ଜାତୀୟସ୍ତରୀୟ ଭଜନ ସମାରୋହ। ଖ୍ୟାତନାମା କଣ୍ଠଶିଳ୍ପୀ ଅନୁରାଧା ପଡୱାଲ ଓ ଅନୁପ୍ ଜଲୋଟାଙ୍କ ଦ୍ୱାରା ପରିବେଷିତ ପ୍ରସିଦ୍ଧ ଭଜନଗୁଡ଼ିକରେ ହଜିଯାଇଥିଲେ ଶ୍ରୋତା। ସେହିପରି ମଥୁରାର ଲାଲାଜି ଶର୍ମା, ଟାଟାର ନେହା କୋଉର






ଲୋକଙ୍କୁ କାର୍ଯ୍ୟକ୍ରମସ୍ଥଳରେ ବାନ୍ଧି ରଖିବା ଭଳି ଭଜନ ପରିବେଷଣ କରିଥିଲେ।

ଅନୁରାଧା ପଡୱାଲ 'ଓଁ ଭୁର୍ ଭୁବଃ ସ୍ୱଃ ତତ୍...', 'ଆୟା ଶିବରାତ୍ରି କା ମହିନା ଆୟା', 'କେରି କେରି ସୁନା ଦୁବ', 'ସତ୍ୟମ୍ ଶିବମ୍ ସୁନ୍ଦରମ୍' ଆଦି ଭଜନ ପରିବେଷଣ କରିଥିବାବେଳେ ଅନୁପ୍ ଜଲୋଟା 'ଏସି ଲାଗି ଲଗନ', 'ଅଚ୍ୟୁତମ୍ କେଶବମ୍ ରାମ ନାରାୟଣମ୍', 'ରଙ୍ଗଦେ ଚୁନ୍ରିୟା' ଭଳି ଭଜନ ଗାନ କରିଥିଲେ। ସଙ୍ଗୀତ ନିର୍ଦ୍ଦେଶକ ମନ୍ମଥ ମିଶ୍ରଙ୍କ ନିର୍ଦ୍ଦେଶନାରେ ଆୟୋଜିତ ଏହି ସମାରୋହରେ ରାଜ୍ୟର ସୁନାମଧନ୍ୟ କଣ୍ଠଶିଳ୍ପୀ କୁମାରବାପି, ଶାନ୍ତିଲତା ଛୋଟରାୟ, ରବି ମହାପାତ୍ର, କ୍ରିଷ୍ଣା ମିଶ୍ର, ବିଦ୍ୟା ଦାଶ, ସୁଧାକର ମିଶ୍ର, ପିନାକି ନାୟକ, ଭଗବାନ ଜେନା, ଶ୍ରୀଚରଣ ମହାନ୍ତି, ପ୍ରଭୁ ପ୍ରସାଦ ନନ୍ଦ, ଅଞ୍ଜଳି ମିଶ୍ର, ଅର୍ପିତା ଚୌଧୁରୀ, ଅନ୍ତରା ଚକ୍ରବର୍ତ୍ତୀ, ପ୍ରଦୀପ ଦଳାଇ, ଆଲୋକ କୁଣ୍ଡୁ, ଅମରେଶ ମିଶ୍ର, ପ୍ରଫୁଲ୍ଲ ବେହେରା, ସୌରଭ ନାୟକ, ଶିବଚରଣ ମହାନ୍ତି, ବିଜୟ କୁମାର ସାହୁଙ୍କ ଭଜନ ପରିବେଷଣ ଉଚ୍ଚକୋଟୀର ଥିଲା। ଭଜନ ମଣ୍ଡପରେ ସୋମବାର ପ୍ରାତଃରୁ ଶଙ୍ଖଧ୍ୱନି, ବେଦପାଠ, ଶିବ ସହସ୍ରନାମ, ଗୀତା ପାଠ, ଶିବ ଚେତନା, ଦ୍ୱିପ୍ରହରରେ ହରି ଭଜନ, ରାମଚରିତ ମାନସ ପାରାୟଣ ଆଦି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ହୋଇଥିଲା। ଭଜନ ସମାରୋହକୁ ପର୍ଯ୍ୟଟନ ମନ୍ତ୍ରୀ ଅଶୋକଚନ୍ଦ୍ର ପଣ୍ଡା ମୁଖ୍ୟଅତିଥିଭାବେ ଯୋଗଦେଇ ଉଦ୍ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଧାୟକ ପ୍ରିୟଦର୍ଶୀ ମିଶ୍ର, କଂଗ୍ରେସ ସଭାନେତ୍ରୀ ରଶ୍ମି ମହାପାତ୍ର, ଭାଜପା ନେତା ଅମିୟ ଦାଶ, ପୂର୍ବତନ ଜିଲା ପରିଷଦ ସଭ୍ୟ ସଂଗ୍ରାମ କେଶରୀ ପାଇକରାୟ ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ ଅଧ୍ୟକ୍ଷତା କରିଥିଲେ। ରତିକାନ୍ତ ମହାସୁଆର, କପିଳ ପଣ୍ଡା, ବିଶ୍ୱନାଥ ମହାପାତ୍ର, ଗଣେଶ ପାଲ୍, କେଦାରନାଥ ମହାପାତ୍ର, ଲଲାଟେନ୍ଦୁ ମହାନ୍ତି, ଚକ୍ରଧର ବେହେରା, ସତ୍ୟନାରାୟଣ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ପ୍ରତିବର୍ଷ ଭଳି ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବିଶିଷ୍ଟ ବ୍ୟକ୍ତିମାନଙ୍କୁ ଏକ୍ରାମ ଶ୍ରୀ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। କମଳ କିରଣ ସଂଯୋଜନା କରିଥିଲେ।



କଟକ ଚାନ୍ଦିନୀଚୌକସ୍ଥିତ ଅଷ୍ଟଶମ୍ଭୁ ମନ୍ଦିରରେ ଜଳୁଥିବା ବୃହତ ଦୀପ।

### ରାତି ୧୨ଟା ୪୫ରେ ଉଠିଲା ମହାଦୀପ

# ବଡ଼ସିଂହାର ବେଶରେ ଧବଳେଶ୍ୱର

## ଭିକାରୀ ବଳ ଭଜନ ମଣ୍ଡପରେ ନୃତ୍ୟ ପରିବେଷଣ

ଖୁଣ୍ଟୁଣୀ, ୪।୩(ଡି.ଏନ୍.ଏ.)



ମହାଶିବରାତ୍ରି ଅବସରରେ ଧବଳେଶ୍ୱରଙ୍କ ବଡସିଂହାର ବେଶ।

ମହାଶିବରାତ୍ରି ଅବସରରେ ସୋମବାର କଟକ ଜିଲା ଆଠଗଡର ପ୍ରସିଦ୍ଧ ଧବଳେଶ୍ୱରଙ୍କ ପୀଠ ଚଳଚଞ୍ଚଳ ହୋଇ ଉଠିଥିଲା। ଏଥିପାଇଁ ଆଠଗଡ ଦେବୋତ୍ତର ପ୍ରଶାସନ, ପୋଲିସ ଓ ପୂଜକ ସମାଜ ପକ୍ଷରୁ ବ୍ୟାପକ ଆୟୋଜନ କରାଯାଇଥିଲା। ସୋମବାର ଭୋର ୪ଟାରୁ ମନ୍ଦିରର ପହୁଡ ଖୋଲାଯାଇ ଠାକୁରଙ୍କ ସ୍ନାନ ଓ ମଙ୍ଗଳଆଳତି କରାଯାଇଥିଲା। ଏହାପରେ ବହୁସଂଖ୍ୟାରେ ଶ୍ରଦ୍ଧାଳୁ ଧାଡିରେ ଯାଇ ଠାକୁରଙ୍କୁ ଦର୍ଶନ କରିଥିଲେ। ଏହି ଅବସରରେ ଠାକୁରଙ୍କ ବଡସିଂହାର ବେଶ କରାଯାଇଥିଲା। ମଧ୍ୟାହ୍ନରେ ସଙ୍ଖୁଡି ଭୋଗ ଓ ସନ୍ଧ୍ୟାରେ ଆଳତି ପରେ ରାତି ୧୦ଟାରେ ପୁନର୍ବାର ସ୍ନାନ କରାଯାଇଥିଲା। ରାତି ୧୧ଟାରେ ଠାକୁରଙ୍କୁ କେତକୀ ଫୁଲରେ ସଜ୍ଜିତ କରାଯିବା ସହ ରୁଦ୍ରାଭିଷେକ କରାଯାଇଥିଲା। ରାତି ୧୨ଟା ୩୦ମିନିଟ୍‌ରେ ଠାକୁରଙ୍କୁ ବେଢା ପରିକ୍ରମା କରାଯିବା ପରେ ହରିହର ଭେଟ ଅନୁଷ୍ଠିତ ହୋଇଥିଲା। ପରେ ରାତି ୧୨ଟା୪୫ରେ ମହାଦୀପ ଉଠିଥିଲା ବୋଲି ପୂଜକ ସମାଜ ସଭାପତି ବିଷ୍ଣୁଚରଣ ପତ୍ରୀ କହିଛନ୍ତି। ସେହିପରି ଠାକୁରଙ୍କୁ ଦର୍ଶନ କରିବା ପାଇଁ ଉକ୍ତ ପୀଠରେ ଦିନତମାମ ପ୍ରାୟ ୭୦ ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ଦେବୋତ୍ତର ବିଭାଗର ସୁପରଭାଇଜର କରୁଣାକର ବେହେରା କହିଛନ୍ତି। ଶ୍ରଦ୍ଧାଳୁଙ୍କ ମନୋରଞ୍ଜନ ପାଇଁ ମନ୍ଦିର ପରିସରସ୍ଥ ଭିକାରୀ ବଳ ଭଜନ ମଣ୍ଡପରେ ଓଡ଼ିଶୀ ନୃତ୍ୟଶିଳ୍ପୀ ଚନ୍ଦନା ରାଉଳ ଓ ତାଙ୍କ ଗ୍ରୁପ ପକ୍ଷରୁ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଆଠଗଡ ଉପଜିଲାପାଳ ଅମିୟ କୁମାର ସାହୁ ଉଦ୍ଘାଟନ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା କରିବା ଓ ଭକ୍ତଙ୍କ ସୁରକ୍ଷା ଦୃଷ୍ଟିରୁ ଉକ୍ତ ପୀଠରେ ୫ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ସେହିପରି ଉକ୍ତ ଅଞ୍ଚଳର ସର୍ପେଶ୍ୱର, ବାଲୁଙ୍କେଶ୍ୱର ଓ ଜମ୍ବେଶ୍ୱରଙ୍କ ପୀଠରେ ଜାଗରଯାତ୍ରା ଅନୁଷ୍ଠିତ ହୋଇଥିଲା।

## ଶ୍ରୀଲୋକନାଥଙ୍କୁ ଦର୍ଶନ କଲେ ଲକ୍ଷାଧିକ ଶ୍ରଦ୍ଧାଳୁ

# ଉଜାଗର ରହି ଜାଗର ଜାଳିଲେ

■ ଶେଷ ପ୍ରହରରେ ଉଠିଲା ମହାଦୀପ ■ ଓଁ ନମଃ ଶିବାୟ ଧ୍ୱନିରେ ଗୁଞ୍ଜରିତ ହେଲା ଶ୍ରୀକ୍ଷେତ୍ର

ପୁରୀ ଅଫିସ,୪।୩

ମହାଶିବରାତ୍ରି ଅବସରରେ ସୋମବାର ଶ୍ରୀକ୍ଷେତ୍ରର ବିଭିନ୍ନ ଶୈବପୀଠ ବେଶ୍ ଚଳଚଞ୍ଚଳ ରହିଥିଲା। ଘଣ୍ଟଘଣ୍ଟି, ହୁଳହୁଳି ଓ ଜୟ ଭୋଲେନାଥ ଧ୍ୱନିରେ ପ୍ରକମ୍ପିତ ହୋଇଉଠିଥିଲା ଶ୍ରୀକ୍ଷେତ୍ର। ସକାଳୁ ସହରର ବିଭିନ୍ନ ଶିବ ମନ୍ଦିରକୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥିଲା। ପିଲାଠୁ ବୟସ୍କ ସମସ୍ତେ ଭଗବାନ ଶଙ୍କରଙ୍କ ଆରାଧନାରେ ମଜ୍ଜି ଯାଇଥିଲେ। ଦେବ ଦେବ ମହାଦେବଙ୍କୁ ପୂଜାର୍ଚ୍ଚନା ଏବଂ ଦର୍ଶନ ଲାଗି ସମସ୍ତେ ହୋଇଥିଲେ ମନ୍ଦିରମୁହାଁ। ଭକ୍ତଙ୍କ ତୁଣ୍ଡରୁ ଶୁଭୁଥିଲା ଓଁ ନମଃ ଶିବାୟ...ଓଁ ନମଃ ଶିବାୟର ପବିତ୍ର ଧ୍ୱନି। ଦିନତମାମ ମନ୍ଦିରରେ ଦର୍ଶନ ଲାଗି ରହିଥିଲା। ସଞ୍ଜ ନଇଁବା କ୍ଷଣି ପୁରୀ ସହରର ଗଳିକନ୍ଦି ଆହୁରି ଚଳଚଞ୍ଚଳ ହୋଇପଡିଥିଲା। ବିଶେଷକରି ସହର ମଧ୍ୟରେ ଥିବା ପଞ୍ଚ ମହାଦେବ(ଶ୍ରୀଲୋକନାଥ, ନୀଳକଣ୍ଠେଶ୍ୱର, କପାଳମୋଚନ, ମାର୍କଣ୍ଡେଶ୍ୱର ଓ ଜମେଶ୍ୱର)ଙ୍କ ପୀଠରେ ସୃଷ୍ଟି ହୋଇଥିଲା ଭକ୍ତିମୟ ପରିବେଶ। ସେହିପରି ଆଖଣ୍ଡଳମଣି, ଶଙ୍କରେଶ୍ୱର, ଓଁକାରେଶ୍ୱର, ବେଲେଶ୍ୱର, ବାଲିକପିଳେଶ୍ୱର ପ୍ରଭୃତି ଶୈବପୀଠରେ ଜାଗର ଜାଳିବା ପାଇଁ ବ୍ରତଧାରୀଙ୍କ ଗହଳି ହୋଇଥିଲା। ସେହିପରି ଯୋଡ଼ାଲିଙ୍ଗ ପୀଠରେ ମଧ୍ୟ ଶ୍ରଦ୍ଧାଳୁଙ୍କ ଅଧିକ ଭିଡ଼ ହୋଇଥିଲା। ରାତି ଉଜାଗର ରହି ଜାଗର ଜାଳିଥିଲେ ହଜାର ହଜାର ଶ୍ରଦ୍ଧାଳୁ। ଅଧିକାଂଶ ମନ୍ଦିରରେ ରାତି ସାଢ଼େ ୧୨ଟା ମଧ୍ୟରେ ମହାଦୀପ ଉଠିଥିଲା। ପ୍ରସିଦ୍ଧ ଶୈବପୀଠ ଶ୍ରୀଲୋକନାଥ ମନ୍ଦିରରେ ରାତିର ଶେଷ ପ୍ରହରରେ ଉଠିଥିଲା ମହାଦୀପ। ଲକ୍ଷାଧିକ ଶ୍ରଦ୍ଧାଳୁ ଲୋକନାଥଙ୍କୁ ଦର୍ଶନ କରିଥିଲେ। ମହାଶିବରାତ୍ରି ପାଇଁ ରବିବାର ରାତି ୧୨ଟାରେ ଶ୍ରୀଲୋକନାଥ ମନ୍ଦିର ଦ୍ୱାର ଫିଟିଥିଲା। ଏହାପରେ ମଙ୍ଗଳ ଆଳତି, ଅବକାଶ ପୂଜା, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଗୋପାଳବଲ୍ଲଭ, ସକାଳଧୂପ ଓ ମଧ୍ୟାହ୍ନଧୂପ ସରି ରାତି ୨ଟାରୁ ଦର୍ଶନ ଆରମ୍ଭ ହୋଇଥିଲା। ସୋମବାର ଦିନତମାମ ବ୍ୟାରିକେଡ୍‌ରେ ଯାଇ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ମାନସିକଧାରୀ ଲୋକନାଥଙ୍କ ନିକଟରେ ରୁପାରେ ରୂପ ଲାଗି କରିବା ସହିତ ଚୁଡ଼ାଘଷା ଭୋଗ କରିଥିଲେ। ଏଥିସହ କିଆ, କେତକୀ, ନାଗେଶ୍ୱର, ପଳାଶ ଆଦି ଫୁଲ ଲାଗି କରାଇଥିଲେ। ସନ୍ଧ୍ୟା ପରଠାରୁ ଦୀପ ଜାଳି ନିଷ୍ଠାର ସହ ଜାଗର ପାଳିଥିଲେ। ରାତ୍ର ପ୍ରାୟ ୧୨ଟାରେ ସର୍ବସାଧାରଣ ଦର୍ଶନ ବନ୍ଦ ରହି ଠାକୁରଙ୍କ ଅନ୍ୟାନ୍ୟ ନୀତି ସମ୍ପନ୍ନ ହୋଇଥିଲା। ଅପରପକ୍ଷେ ଶ୍ରୀମନ୍ଦିରରେ ଠାକୁରଙ୍କ ଗୋପାଳବଲ୍ଲଭ ଭୋଗ ସରିବା ପରେ ଶ୍ରୀଲୋକନାଥଙ୍କ ଚଳନ୍ତି ପ୍ରତିମାଙ୍କୁ ନୂଆ ପାଟଲୁଗା ପ୍ରଭୃତି ବସନଭୂଷଣ ଲାଗି କରାଯାଇଥିଲା। ଲୋକନାଥଙ୍କ ସେବକମାନେ ଆସି ବିମାନରେ ଠାକୁରଙ୍କୁ ବିଜେ କରାଇ ଶ୍ରୀଲୋକନାଥ ମନ୍ଦିର ଅଭିମୁଖେ ବାହାରିଥିଲେ। ଶ୍ରୀନଅର ସମେତ ବିଭିନ୍ନ ସ୍ଥାନରେ ପନ୍ତି ଭୋଗ ଖାଇ ବିଳମ୍ବିତ ପ୍ରହରରେ ଶ୍ରୀଲୋକନାଥ ପୀଠରେ ପହଞ୍ଚିଥିଲେ। ଏହାପରେ ଠାକୁରଙ୍କ ନଟବର ମହାସ୍ନାନ ଏବଂ ନଟବର ଭୋଗ ବଢ଼ିଥିଲା। ପରେ ହରିହର ଭେଟ ହୋଇଥିଲା। ଶ୍ରୀମନ୍ଦିରରେ ଥିବା ଶ୍ରୀଲୋକନାଥଙ୍କ ଚଳନ୍ତି ପ୍ରତିମା ବଳଭଦ୍ରଙ୍କଠାରୁ ଆଜ୍ଞାମାଳ ନେଇ ହରିଙ୍କ ରୂପରେ ଆସି ଲୋକନାଥ (ହର) ସହିତ ଭେଟିଥାନ୍ତି। ତାହାକୁ ହରିହର ଭେଟ କୁହାଯାଇଥାଏ। ହରିହର ଭେଟ ପରେ ଘଣ୍ଟଛତା ଭୋଗ ଏବଂ ରହଣି ଭୋଗ ହୋଇଥିଲା। ଏହାପରେ ଯାତ୍ରାଙ୍ଗୀ ଭୋଗ, ଚତୁର୍ଦ୍ଦଶୀ ଭୋଗ ଏବଂ ବଡ଼ସିଂହାର ଭୋଗ ସମ୍ପନ୍ନ ହୋଇଥିଲା।







ଅନ୍ୟକୁ ପ୍ରଶଂସା କରିବାକୁ ହେଲେ କେତେ ପଦ କଥା ଖର୍ଚ୍ଚ ହୁଏ, କିନ୍ତୁ ଅନ୍ୟର କୁତ୍ସାରଟନା କରିବାକୁ ହେଲେ କେବଳ ନୀରବତା ହିଁ ଲୋଡ଼ା। -ଟିଲଟ୍‌ସନ



## ସଂକ୍ଷେପରେ

### ଆର୍‌ପିଏଫ୍ ଏସ୍‌ଆଇଙ୍କୁ ମାଡ଼ ଘଟଣା, ମାମଲା ରୁଜୁ

**କଟକରୋଡ,୪।୩(ଡି.ଏନ୍.ଏ):** ଭୁବନେଶ୍ୱର ରେଲୱେ ପ୍ରୋଟେକସନ ଫୋର୍ସ (ଆରପିଏଫ୍)ର ଜଣେ ଏସ୍‌ଆଇକୁ ମାଡ ଘଟଣା ନେଇ ସୋମବାର ଜିଆରପି ଥାନାରେ ମାମଲା (ନଂ.୪୩/୧୯) ରୁଜୁ ହୋଇଛି। ଏସଆଇ ଶ୍ରୀଚରଣ ମାହାନ୍ତିଙ୍କ ଅଭିଯୋଗକ୍ରମେ ପୋଲିସ ତଦନ୍ତ ଆରମ୍ଭ କରିଛି। ସୂଚନାଥାଉକି, ଗତ ରବିବାର ଜଣେ ଯୁବକ ରେଲୱେ ଷ୍ଟେଶନ ପ୍ଲାଟଫର୍ମ ନଂ ୬ ପରିସ୍ରା କରୁଥିବା ବେଳେ ସେଠାରେ ମୁତୟନ ଥିବା ୨ଜଣ ଆରପିଏଫ ତାଙ୍କୁ ବାରଣ କରିଥିଲେ। ତେବେ ଫାଇନ କଟାଯିବା ପରେ ଯୁବକ ଜଣଙ୍କ ରାଗିଯାଇ ଡ୍ୟୁଟିରେ ଥିବା ଏସଆଇ ମହାନ୍ତିଙ୍କୁ ମାଡ ମାରିଥିଲେ। ଏନେଇ ଏସଆଇ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଜିଆରପି ଥାନା ଅଧିକାରୀ ଭରତ ଚନ୍ଦ୍ର ସାହୁ କୁହନ୍ତି, ଏସଆଇ ମହାନ୍ତିଙ୍କ ଅଭିଯୋଗକ୍ରମେ ମାମଲା ରୁଜୁ ପରେ ତଦନ୍ତ ଜାରି ରହିଛି।

### ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ମୁଖ୍ୟମନ୍ତ୍ରୀ କରିବେ ଉଦ୍‌ଘାଟନ

**ଖୋର୍ଦ୍ଧା ଅଫିସ,୪।୩:** ମଙ୍ଗଳବାର 'ଘରେ ଘରେ ଶଙ୍ଖ' କାର୍ଯ୍ୟକ୍ରମ ଆରମ୍ଭ ହେବ। ଜଟଣୀ ନିର୍ବାଚନମଣ୍ଡଳୀ ପ୍ରଧାନସାହି ପଞ୍ଚାୟତ କଣ୍ଟିଲୋ ଗ୍ରାମରେ ଏହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଶୁଭାରମ୍ଭ କରିବାର କାର୍ଯ୍ୟକ୍ରମ ରହିଛି। ଏହାର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବିଜେଡି ଜିଲା ସଭାପତି ବିଭୂତି ବଳବନ୍ତ ରାୟ ସୋମବାର ପହଞ୍ଚି ଏହାର ସମୀକ୍ଷା କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ, ଜିଲା ପରିଷଦ ସଭ୍ୟ, ସମିତି ସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

### ରାଜ୍ୟ ପାଇପ ଜଳ କର୍ମଚାରୀଙ୍କ ଆନ୍ଦୋଳନ ସ୍ଥଗିତ

**କଟକ ଅଫିସ, ୪।୩:** ରାଜ୍ୟ ପାଇପ ଜଳ କର୍ମଚାରୀମାନଙ୍କର ରହିଥିବା ୪ ଦଫା ଦାବିକୁ ନେଇ ମଙ୍ଗଳବାରଠାରୁ ଘୋଷଣା କରାଯାଇଥିବା କାର୍ଯ୍ୟବନ୍ଦ ଆନ୍ଦୋଳନକୁ ସଂଘର ନିଷ୍ପତ୍ତି କ୍ରମେ ସ୍ଥଗିତ ରଖାଯାଇଛି। ବିଧାୟକ ତଥା ସଂଘର ଅଧ୍ୟକ୍ଷ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ ଏସ୍. ଲକ୍ଷ୍ମୀପତିଙ୍କ ସହ ଆଲୋଚନା କରିଥିଲା। ଏହାପରେ ସର୍ବୋଚ୍ଚ ଯନ୍ତ୍ରୀ ୪ ଦଫା ଦାବିରୁ ଗୋଟିଏ ପୂରଣ କରିଥିବାବେଳେ ଅନ୍ୟ ୩ଟି ଦାବିକୁ ଖୁବ୍‌ଶୀଘ୍ର ବିଚାରକୁ ନିଆଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଛନ୍ତି। ଏହି ସାକ୍ଷାତକାର ପରେ ଓଡ଼ିଶା ପାଇପ ଜଳ କର୍ମଚାରୀ ସଂଘର କେନ୍ଦ୍ରୀୟ କମିଟି ବୈଠକ ରବିବାର କଟକସ୍ଥିତ ନିଜସ୍ୱ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ସଭାପତି ଉମାକାନ୍ତ ନନ୍ଦଙ୍କ ଅଧ୍ୟକ୍ଷତାରେ ବିଜୟ ଭୂଷଣ ପତି, ସାଧାରଣ ସମ୍ପାଦକ ମନୋଜ ମହାନ୍ତି, କାର୍ଯ୍ୟକାରୀ ସଭାପତି ଅମ୍ବରୀ ଜେନା ସମେତ ପ୍ରତି ଜିଲାର ଜିଲା ସମ୍ପାଦକ ଉପସ୍ଥିତ ଥିଲେ। ଏହି ସମସ୍ୟା ଓ ସର୍ବୋଚ୍ଚ ଯନ୍ତ୍ରୀଙ୍କ ଲିଖିତ ପ୍ରତିଶ୍ରୁତି ଉପରେ ସେମାନେ ସର୍ବସମ୍ମତି ନିଷ୍ପତ୍ତି ଅନୁଯାୟୀ ସଂଘ ଆନ୍ଦୋଳନରୁ ଓହରି ଯାଇଥିଲେ ହେଁ ମାର୍ଚ୍ଚ ୫ରୁ ଏପ୍ରିଲ ୫ ପର୍ଯ୍ୟନ୍ତ ଅସହଯୋଗ ଆନ୍ଦୋଳନ କରିବାକୁ ଘୋଷଣା କରିଥିଲେ। ପ୍ରତ୍ୟେକ ଜିଲାର ଜିଲାପାଳ, ଆର୍‌ଡିସି ଏବଂ ଭୁବନେଶ୍ୱର ସହରରେ ଥିବା ସମସ୍ତ ବିଧାୟକ, ମନ୍ତ୍ରୀ, ଶାସନ ସଚିବ ଓ କେନ୍ଦ୍ରୀୟ ଅନୁଷ୍ଠାନଗୁଡ଼ିକର ଜଳ ଯୋଗାଣ କାର୍ଯ୍ୟରେ ଅସହଯୋଗ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି।

### ନିରନ୍ତର ବିକାଶ ପାଇଁ କୃଷିର ଉନ୍ନତି ଆବଶ୍ୟକ

**ଭୁବନେଶ୍ୱର,୪।୩(ବ୍ୟୁରୋ):** ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ 'କୃଷି ଉତ୍ପାଦନ ଓ ଉତ୍ପାଦିକା ଶକ୍ତି' ସମ୍ପର୍କିତ ଜାତୀୟ ଆଲୋଚନାଚକ୍ର ଉଦ୍‌ଯାପିତ ହୋଇଯାଇଛି। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ଡ. ଦୁର୍ଗାଚରଣ ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଲୋଚନାଚକ୍ରରେ ଉପସ୍ଥାପିତ ନିବନ୍ଧ କୃଷି ସମସ୍ୟାର ସମାଧାନ ଦିଗରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ। ବନାରସ୍ ହିନ୍ଦୁ ବିଶ୍ୱବିଦ୍ୟାଳୟ ପ୍ରାଧ୍ୟାପକ ଡ. ମୃତ୍ୟୁଞ୍ଜୟ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିରନ୍ତର ବିକାଶ ପାଇଁ କୃଷିର ଉନ୍ନତି ଆବଶ୍ୟକ ବୋଲି କହିଥିଲେ। ଏହି ଅବସରରେ ୨୦ରୁ ଊର୍ଦ୍ଧ୍ୱ ନିବନ୍ଧ ଉପସ୍ଥାପିତ ହୋଇଥିଲା। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଫକୀର ମୋହନ ବିଶ୍ୱବିଦ୍ୟାଳୟ ଏବଂ ବନାରସ୍ ହିନ୍ଦୁ ବିଶ୍ୱବିଦ୍ୟାଳୟରୁ ଆସିଥିବା ପ୍ରାଧ୍ୟାପକ ଓ ଗବେଷକମାନେ ନିଜ ନିଜର ନିବନ୍ଧ ଉପସ୍ଥାପନ କରିଥିଲେ। ଶେଷରେ ଡ. ଅପରାଜିତା ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

■ ଥାନାବାବୁଙ୍କ ଉଦ୍ଭଟ ଯୁକ୍ତି

# 'ପାୱାର ହାଉସ୍ ଛକ ଆମର ନୁହେଁ'

**ଭୁବନେଶ୍ୱର, ୪।୩ (ବ୍ୟୁରୋ)**

ଦୁଇ ଥାନା ମଧ୍ୟରେ ସମନ୍ୱୟ ରହୁ ନ ଥିବାରୁ ଅନେକ ସମୟରେ ଲୋକେ ହଇରାଣ ହେଉଛନ୍ତି। ଯଦି ଦୁଇ ଥାନା ସୀମାବର୍ତ୍ତୀ ଅଞ୍ଚଳରେ କୌଣସି ଅପରାଧ ଅବା ଦୁର୍ଘଟଣା ହେଉଛି ତେବେ ଆରମ୍ଭ ହୋଇଯାଉଛି ବିବାଦ। ଉଭୟ ଥାନା ନିଜ ଉପରୁ ଦାୟିତ୍ୱ ଖସାଇବାକୁ ଚାହୁଁଛନ୍ତି। ଫଳରେ ଅଭିଯୋଗକାରୀ ଏ ଥାନାରୁ ସେ ଥାନା ଦୌଡି ନୟାନ୍ତ ହୋଇପଡୁଛନ୍ତି। ଶେଷରେ ନିରାଶ ହୋଇ ଘରକୁ ଫେରିଯାଉଛନ୍ତି। ଅନେକ ସମୟରେ ଦୁଇ ଥାନା ମଧ୍ୟରେ ସୀମା ବିବାଦ ଯୋଗୁ ଦୁର୍ଘଟଣାରେ ଶିକାର କେତେଜଣଙ୍କର ଜୀବନ ବି ଯାଉଛି।

ଏଭଳି ଏକ ଘଟଣା ସୋମବାର ସକାଳେ ପାୱାର ହାଉସ୍ ଟ୍ରାଫିକ ଛକରେ ଦେଖିବାକୁ ମିଳିଥିଲା। ସକାଳ ପ୍ରାୟ ୭ଟାରେ ନୟାଗଡ଼ର ଶ୍ରୀନିବାସ ବେହେରା ଅଟୋ (ଓଡି ୩୩ ଡବ୍ଲ୍ୟୁ-୦୫୧୮) ନେଇ ସିଆର୍‌ପି ଛକରୁ ନ'ତାଲା ଅଭିମୁଖେ ଯାଉଥିଲେ। ଗଭର୍ଣ୍ଣର ହାଉସ୍ ପଟୁ ଏକ କାର (ଓଡି୦୫ଏ-୮୩୩୮) ଜୟଦେବ ବିହାର ଅଭିମୁଖେ ଯାଉଥିଲା। ପାୱାର ହାଉସ୍ ଛକରେ କାରଟି ଅଟୋକୁ ଧକ୍କା ଦେଇଥିଲା। ଫଳରେ ଅଟୋଟି ଓଲଟି କିଛିବାଟ ଗଡ଼ିଯାଇଥିଲା। ଏଥିରେ ଶ୍ରୀନିବାସ ଗୁରୁତର ଆହତ ହୋଇଥିଲେ। ଏ ନେଇ ସ୍ଥାନୀୟ ଲୋକେ କ୍ୟାପିଟାଲ ଥାନାକୁ ଫୋନ୍ କରିଥିଲେ। ଏହା ଆମ ଥାନା ଅଞ୍ଚଳର ନୁହେଁ କହି ଫୋନ୍ କାଟି ଦେଇଥିଲେ। ସେହିପରି ନୟାପଲ୍ଲୀ ଥାନାକୁ ଫୋନ୍ କରିଥିଲେ ମଧ୍ୟ ସମାନ ଉତ୍ତର ମିଳିଥିଲା। ଶ୍ରୀନିବାସଙ୍କ ଅବସ୍ଥା ଗୁରୁତର ହେବାରୁ ସ୍ଥାନୀୟ ଲୋକେ ପୋଲିସକୁ ଅପେକ୍ଷା ନ କରି ଆମ୍ବୁଲାନ୍ସରେ କ୍ୟାପିଟାଲ ହସ୍ପିଟାଲ ନେଇଥିଲେ। ସ୍ୱାସ୍ଥ୍ୟ ଅବସ୍ଥା ଜଟିଳ ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

ଏହାପରେ ଶ୍ରୀନିବାସଙ୍କ ପରିବାର ଲୋକେ କ୍ୟାପିଟାଲ ଥାନାକୁ ଅଭିଯୋଗ କରିବାକୁ ଯାଇଥିଲେ। ମାତ୍ର ପୋଲିସ ତାଙ୍କୁ ନୟାପଲ୍ଲୀ ଥାନାକୁ ପଠାଇ ଦେଇଥିଲା। ସେମାନେ ନୟାପଲ୍ଲୀ ଥାନାକୁ ଆସିବା ପରେ ସେଠା ପୋଲିସ କ୍ୟାପିଟାଲ ଥାନାରେ ଅଭିଯୋଗ କରିବାକୁ କହିଥିଲା। ଅଭିଯୋଗ କରି ନ ପାରି ଶ୍ରୀନିବାସଙ୍କ ପରିବାର ଲୋକେ ଘରକୁ ଫେରିଯାଉଥିବା ବେଳେ ଜଣେ ଖବରଦାତାଙ୍କ ସହ ଦେଖା ହୋଇଥିଲା। ତାଙ୍କୁ ସବୁ କଥା କହିବା ପରେ ସେ ନୟାପଲ୍ଲୀ ଥାନାରେ କହିଥିଲେ। ଏହାପରେ ପୋଲିସ ମାମଲା ରୁଜୁ କରିଥିଲା।

ଏ ନେଇ ନୟାପଲ୍ଲୀ ଥାନା ଅଧିକାରୀ ଅରୁଣ କୁମାର ସ୍ୱାଇଁ କହିଛନ୍ତି, କ୍ୟାପିଟାଲ ଥାନା ଆମ ଅଞ୍ଚଳର ନୁହେଁ ବୋଲି କହି ଫେରାଇ ଦେଇଥିଲା। ଦୁର୍ଘଟଣା ସ୍ଥଳ ଆମ ଥାନା ଅଧୀନରେ ଯାଉ ନ ଥିଲେ ମଧ୍ୟ ଲୋକଟି ଫେରିଯିବ ଭାବି ଆମ ଥାନାରେ ଏକ ମାମଲା ରୁଜୁ ହୋଇ ତଦନ୍ତ କରାଯାଉଛି।




ଦୁର୍ଘଟଣାଗ୍ରସ୍ତ ହୋଇଥିବା ଅଟୋ ଓ କାର୍।

■ସୀମା ବିବାଦରେ ଫସିଲେ ଗୁରୁତର ଅଟୋ ଡ୍ରାଇଭର

■ଦୁର୍ଘଟଣା ଅଞ୍ଚଳ ଆମର ନୁହେଁ କହି ତଡ଼ିଦେଲେ

## ଭାରତର ଆନ୍ତର୍ଜାତିକ ନୀତି ଉପରେ ଆଲୋଚନାଚକ୍ର

**ଭୁବନେଶ୍ୱର,୪।୩ (ବ୍ୟୁରୋ)**

ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଭାରତର ଆନ୍ତର୍ଜାତିକ ନୀତି ପ୍ରସଙ୍ଗକୁ ନେଇ ଏକ ଆଲୋଚନାଚକ୍ର କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପ୍ରଫେସର ଜିନେନ୍ଦ୍ରିୟ ମହାନ୍ତି ଯୋଗଦେଇ ଥିଲେ। ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ଜ୍ଞାନରଞ୍ଜନ ମହାନ୍ତି ସ୍ୱାଗତ ଭାଷଣ ଦେଇଥିବାବେଳେ ପ୍ରାଧ୍ୟାପକ ଅଭିରାମ ବିଶ୍ୱାଳ, ପ୍ରାଧ୍ୟାପକ ସୁମନ ଦାସ, ପ୍ରାଧ୍ୟାପିକା ଶୁଭଶ୍ରୀ ମିଶ୍ର, ପ୍ରାଧ୍ୟାପିକା ସୁନନ୍ଦା ହୋତା, ଅବସରପ୍ରାପ୍ତ ପ୍ରାଧ୍ୟାପିକା ବନ୍ଦନା ମହାପାତ୍ର, ପ୍ରାଧ୍ୟାପକ ସୁଧୀର ଜେନା ପ୍ରମୁଖ ଯୋଗଦେଇଥିଲେ।

## ୧୨ ପ୍ରକଳ୍ପ ଲୋକାର୍ପିତ, ଶିଳାନ୍ୟାସ

**ବାଲିପାଟଣା, ୪।୩ (ଡି.ଏନ୍.ଏ.)**

ବାଲିପାଟଣା ବ୍ଲକର ବିଭିନ୍ନ ସ୍ଥାନରେ ସୋମବାର ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ୬ଟି ପ୍ରକଳ୍ପର ଲୋକାର୍ପିତ କରିଥିବା ବେଳେ ୬ଟି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ପ୍ରତି ଗ୍ରାମକୁ ବିଶୁଦ୍ଧ ଜଳ ଯୋଗାଣ ଯୋଜନାକୁ ସଫଳ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ପ୍ରୟାସ କରାଯାଇଛି। ଗାଁରୁ ଗାଁର ଦୂରତା ଦୂର କରାଯିବା ସହ ବାଲିପାଟଣା ବ୍ଲକର ପର୍ଯ୍ୟଟନ ସ୍ଥଳ ବୁଦ୍ଧନାଥ ମନ୍ଦିର ଓ ଶିଶୁ ଅନନ୍ତ ପୀଠକୁ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବାକୁ ବିଭିନ୍ନ ଯୋଜନା କରାଯାଇଥିବା ମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମନ୍ତ୍ରୀ ବେହେରା ମଝିହରା ପାଣିଟାଙ୍କି, ଆଇତଳଙ୍ଗ ପାଣିଟାଙ୍କି, ଧନୁଆ ବ୍ରିଜ, ମଠସାହି ବ୍ରିଜ, ଗରିଆ ବାତ୍ୟା ଆଶ୍ରୟ ସ୍ଥଳୀ ଓ ପଦ୍ମପୁର ପାଣିଟାଙ୍କିର ଲୋକାର୍ପିତ କରିଛନ୍ତି। ସେହିପରି ଦନାପଡ଼ା ପାଣିଟାଙ୍କି, ଫକୀରପଡ଼ା ପାଣିଟାଙ୍କି, ବୁଦ୍ଧନାଥ ପୋଖରୀ ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ, ଶିଶୁମଠସ୍ଥିତ ମଦନମୋହନ ମନ୍ଦିର, ଶିଶୁ ଅନନ୍ତ ତୋରଣ ଓ ବାଲିପାଟଣା ଭିଙ୍ଗାରପୁର ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କର ଶିଳାନ୍ୟାସ କରିଛନ୍ତି। ଏହି ଉତ୍ସବରେ ଖୋର୍ଦ୍ଧା ଜିଲା ପରିଷଦ ଉପାଧ୍ୟକ୍ଷା ସୁମିତ୍ରା ରାଉତରାୟ, ବିଧାୟକଙ୍କ ପ୍ରତିନିଧି ଅଶୋକ ରାଉତରାୟ, ପ୍ରତାପ କେଶରୀ ନାୟକ, ସୌମ୍ୟରଞ୍ଜନ ମହାନ୍ତି, ଦିପ୍ତୀ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।






ରୋଟାରୀ ଭୁବନେଶ୍ୱର କର୍ପୋରେଟ୍ କୁଇଜ୍ ପ୍ରତିଯୋଗିତାରେ ଚାମ୍ପିୟନ୍ ଦଳ ସହ ଅତିଥିମାନେ।

■ ରୋଟାରି ଭୁବନେଶ୍ୱର କର୍ପୋରେଟ୍ କୁଇଜ ପ୍ରତିଯୋଗିତା

# 'ନାଲ୍‌କୋ' ଚାମ୍ପିୟନ

**ଭୁବନେଶ୍ୱର,୪।୩(ବ୍ୟୁରୋ)**

ରୋଟାରି କ୍ଲବ ଅଫ୍ ଭୁବନେଶ୍ୱର ପକ୍ଷରୁ କର୍ପୋରେଟ୍ କୁଇଜ୍ ପ୍ରତିଯୋଗିତାର ସପ୍ତମ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି। ନିର୍ମାଣ, ସଫ୍ଟୱେର, ମାର୍କେଟିଂ, ଶିକ୍ଷାନୁଷ୍ଠାନ, ଅଣୁ, କ୍ଷୁଦ୍ର ଓ ଲଘୁ ଉଦ୍ୟୋଗ, ଷ୍ଟାର୍ଟ ଅପ୍ ସେବା ପ୍ରଦାନକାରୀ ସଂସ୍ଥାଗୁଡ଼ିକୁ ନେଇ ଚଳିତବର୍ଷ ରୋଟାରି ଭୁବନେଶ୍ୱର କର୍ପୋରେଟ୍ କୁଇଜ୍ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ନାଲ୍‌କୋ ଏହି ପ୍ରତିଯୋଗିତାର ଚାମ୍ପିୟନ ହୋଇ ପୁରସ୍କୃତ ହୋଇଥିଲା। ତିନି ସଦସ୍ୟ ବିଶିଷ୍ଟ ଗୋଟିଏ ଲେଖାଏ ଦଳକୁ ନେଇ ପ୍ରତିଯୋଗିତା କରାଯାଇଥିବା ବେଳେ ଏଥିରେ ୧୫ଟି ସଂସ୍ଥାର ୧୫ଗୋଟି ଦଳ ଅଂଶଗ୍ରହଣ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ପ୍ରତିଯୋଗୀମାନେ କୁଇଜ୍ ମାଷ୍ଟରଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଲିଖିତ ଆକାରରେ ଦେଇଥିଲେ। ସେମାନଙ୍କ ମଧ୍ୟରୁ ୬ ଶ୍ରେଷ୍ଠ ଦଳ ଫାଇନାଲକୁ ମନୋନୀତ ହୋଇଥିଲେ। କୋଲକାତା ନିବାସୀ ଜଣାଶୁଣା କୁଇଜ୍ ମାଷ୍ଟର ଗୌତମ ଘୋଷ ଏହି ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଏଥିରେ କର୍ପୋରେଟ୍ ଜ୍ଞାନ, ସାଧାରଣ ଜ୍ଞାନ, ବିତ୍ତୀୟ ବଜାର ସମ୍ବନ୍ଧିତ ପ୍ରଶ୍ନ ପଚରାଯାଇଥିବା ବେଳେ ଅଡିଓ, ଦୃଶ୍ୟ, ସମୟ ଅନୁବନ୍ଧିତ ପ୍ରଶ୍ନ ଏବଂ ବଜର ପର୍ଯ୍ୟାୟ ରହିଥିଲା। ଶେଷରେ ବିଜେତା ଦଳ ନାଲ୍‌କୋକୁ ଟ୍ରଫି ସହ ୩୦,୦୦୦ ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଥିଲା। ସେହିପରି ଇଫ୍‌କୋ ଓ ଏସ୍‌ଟିପିଆଇ ଯଥାକ୍ରମେ ପ୍ରଥମ ଏବଂ ଦ୍ୱିତୀୟ ରନର୍ସଅପ୍ ହୋଇଥିଲେ। ପୁରସ୍କାର ସ୍ୱରୂପ ସେମାନେ ଟ୍ରଫି ସହ ଯଥାକ୍ରମେ ୨୦,୦୦୦ ଏବଂ ୧୫,୦୦୦ ଟଙ୍କାର ଅର୍ଥରାଶି ହାସଲ କରିଥିଲେ।

ରୋଟାରି ଜିଲା ୩୨୬୨ର ରାଜ୍ୟ ରାଜ୍ୟପାଳ ରୋଟାରିଆନ ଭବାନୀ ପ୍ରସାଦ ଚୌଧୁରୀ ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ରୋଟାରିର ପୂର୍ବତନ ରାଜ୍ୟ ରାଜ୍ୟପାଳ ରୋଟାରିଆନ ଡି.ଏନ୍. ପାଢ଼ୀ, ରୋଟାରିଆନ ଶିବବ୍ରତ ଦାସଙ୍କ ସହ ନବାଗତ ରାଜ୍ୟ ରାଜ୍ୟପାଳ ରୋଟାରିଆନ ଦେବାଶିଷ ମିଶ୍ର, ରୋଟାରିଆନ ସୌମ୍ୟରଞ୍ଜନ ମିଶ୍ର, ରୋଟାରିଆନ ଶାନ୍ତନୁ ପାଣି, ରୋଟାରିଆନ ତନ୍ମୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଯୋଗିତାର ସଭାଧ୍ୟକ୍ଷ ପି. ଭେନୁଗୋପାଳ ରାଓ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ବନ୍ଧରେ ଆଲୋକପାତ କରିଥିବା ବେଳେ କ୍ଲବ ସମ୍ପାଦକ ବିଜୟ ଦାଶ ଧନ୍ୟବାଦ ଦେଇଥିଲେ।

# ଆଇଆଇଏମ୍‌ସି ପକ୍ଷରୁ 'କନେକ୍ସନ-୨୦୧୯'

**ଭୁବନେଶ୍ୱର,୪।୩(ବ୍ୟୁରୋ)**

ଭାରତୀୟ ଜନସଂଚାର ସଂସ୍ଥାନ(ଆଇଆଇଏମ୍‌ସି) ଓଡ଼ିଶା ଚାପ୍ଟର ପୁରାତନ ଛାତ୍ର ସଂଘ ପକ୍ଷରୁ ବନ୍ଧୁମିଳନ ଉତ୍ସବ ତଥା ବାର୍ଷିକ ସମ୍ମିଳନୀ 'କନେକ୍ସନ-୨୦୧୯' ଉଭୟ ଭୁବନେଶ୍ୱର ଏବଂ ଢେଙ୍କାନାଳଠାରେ ଅନୁଷ୍ଠିତ ହୋଇଯାଇଛି। ରବିବାର ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଅନୁଷ୍ଠାନର ଶତାଧିକ ପୁରାତନ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଆଇଆଇଏମ୍‌ସି ଆଲୁମ୍ନି ଆସୋସିଏଶନ(ଆଇଆଇଏମ୍‌ସିଏଏ)ର କେନ୍ଦ୍ର କମିଟି ସଭାପତି ରିତେଶ ଆନନ୍ଦ ଓ ଉତ୍ତରପ୍ରଦେଶ ସାଙ୍ଗଠନିକ ସମ୍ପାଦକ କମଲେସ୍ ରାଠୋର ବୈଠକରେ ଉପସ୍ଥିତ ରହି ସଂଘର କାର୍ଯ୍ୟପନ୍ଥା ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିଥିଲେ। ଆଇଆଇଏମ୍‌ସିଏଏ ଓଡ଼ିଶା ଚାପ୍ଟର ସଭାପତି ସଞ୍ଜୟ ସାହୁ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଖୁବ୍‌ଶୀଘ୍ର ଓଡ଼ିଶା ଚାପ୍ଟର ପକ୍ଷରୁ ସ୍ୱତନ୍ତ୍ର ଭାବେ ଆଇଆଇଏମ୍‌ସିଏଏ ପୁରସ୍କାର ପ୍ରଦାନ କରାଯିବ ବୋଲି ଘୋଷଣା କରିଥିଲେ। ଓଡ଼ିଶାରେ ସାମ୍ବାଦିକତା, ପବ୍ଲିକ ରିଲେଶନ ଏବଂ କମ୍ୟୁନିକେଶନ କ୍ଷେତ୍ରରେ ଉତ୍କର୍ଷ ଲାଭ କରୁଥିବା ପ୍ରତିଭାମାନଙ୍କୁ ସଂଘ ପୁରସ୍କୃତ କରିବ ବୋଲି ସେ କହିଥିଲେ।

ଏହି ଅବସରରେ ବିଜ୍‌ନେସ୍ ଷ୍ଟାଣ୍ଡାର୍ଡର ଜୟଜିତ ଦାଶଙ୍କୁ ବିଜ୍‌ନେସ୍ ରିପୋର୍ଟିଂ କ୍ଷେତ୍ରରେ ଉତ୍କର୍ଷ ଲାଗି 'ଇଫ୍‌କୋ ଆଇଆଇଏମ୍‌ସିଏଏ ଆୱାର୍ଡ ୨୦୧୯' ପ୍ରଦାନ କରାଯାଇଥିଲା। ଓଡ଼ିଶା ଚାପ୍ଟରର ସାଧାରଣ ସମ୍ପାଦକ ଜ୍ୟୋତିପ୍ରକାଶ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିବା ସହ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସମସ୍ତ ପୁରାତନ ଛାତ୍ରୀଛାତ୍ର ଓ କେନ୍ଦ୍ରୀୟ କମିଟି ସଦସ୍ୟଙ୍କୁ ଧନ୍ୟବାଦ ଦେଇଥିଲେ। ଢେଙ୍କାନାଳସ୍ଥିତ ଆଇଆଇଏମ୍‌ସି କ୍ୟାମ୍ପସ୍ ପରିସରରେ ଆୟୋଜିତ ବୈଠକରେ ସଂସ୍ଥାନର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଡ. ମୃଣାଳ ଚାଟାର୍ଜୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରାତନ ଛାତ୍ରୀଛାତ୍ର ପ୍ରତ୍ୟେକ ଅନୁଷ୍ଠାନର ମେରୁଦଣ୍ଡ ବୋଲି କହିଥିଲେ। ଏହି ଉପଲକ୍ଷେ ସ୍ୱପ୍ନିଲ ଜୋଗ୍ଲେକରଙ୍କୁ 'ପ୍ରଫେସର ବି.ବି. ମହାନ୍ତି ସ୍ମାରକୀ ଆୱାର୍ଡ', ପ୍ରିୟଙ୍କା ଯୋଶୀଙ୍କୁ 'କେ.ଏମ୍. ଶ୍ରୀବାସ୍ତବ ସ୍ମାରକୀ ଆୱାର୍ଡ' ଓ ଭାରତ ଭୂଷଣ ପରିଡ଼ାଙ୍କୁ 'ପ୍ରଫେସର ଚିନ୍ତାମଣି ମହାପାତ୍ର ସ୍ମାରକୀ ଆୱାର୍ଡ' ପ୍ରଦାନ କରାଯାଇଥିଲା। ଆଇଆଇଏମ୍‌ସିଏଏର ସାଙ୍ଗଠନିକ ସମ୍ପାଦକ ରିତେଶ ବର୍ମା, କେନ୍ଦ୍ରୀୟ କମିଟି ସଦସ୍ୟା ସ୍ନେହା ଭଟ୍ଟାଚାର୍ଯ୍ୟ ଓ ପୂର୍ବତନ କୋଷାଧ୍ୟକ୍ଷ ଦୀକ୍ଷା ସକ୍ସେନା ଉଭୟ ଢେଙ୍କାନାଳ ଏବଂ ଭୁବନେଶ୍ୱର ମିଟ୍‌ରେ ଉପସ୍ଥିତ ଥିଲେ। କୋଷାଧ୍ୟକ୍ଷ କିଷନ ବାରାଇ ଭୁବନେଶ୍ୱର ବୈଠକରେ ସ୍ୱାଗତଭାଷଣ ପ୍ରଦାନ କରିଥିବା ବେଳେ ଢେଙ୍କାନାଳ ବୈଠକରେ କାର୍ଯ୍ୟକାରୀ ସମ୍ପାଦକ ସୁଧାଂଶୁ ପାତ୍ର ସ୍ୱାଗତଭାଷଣ ଦେଇଥିଲେ।

ଏକମାସରେ ଠିକା କର୍ମଚାରୀଙ୍କ ଧାରଣା

## ପୋଲିସ ଫୋର୍ସ ଲଗାଇ ମନ୍ଦିର କାର୍ଯ୍ୟ କଲେ

**ପୁରୁଣା ଭୁବନେଶ୍ୱର,୪।୩(ଡି.ଏନ୍.ଏ.)**

ମହାଶିବରାତ୍ରି ପାଇଁ ଶ୍ରୀଲିଙ୍ଗରାଜ ମନ୍ଦିରର ଅନେକ କାର୍ଯ୍ୟ ଅନୁଷ୍ଠିତ କରାଯାଇଛି। ମନ୍ଦିରର ରକ୍ଷଣାବେକ୍ଷଣ ଦାୟିତ୍ୱ କେନ୍ଦ୍ରୀୟ ପତ୍ନତତ୍ତ୍ୱ ବିଭାଗ ହାତରେ ଥିବାବେଳେ ଶ୍ରୀ ଜୀଉଙ୍କ ଶିବରାତ୍ରି କାର୍ଯ୍ୟ ପୋଲିସ ଫୋର୍ସ ଲଗାଇ ବିଭାଗୀୟ କର୍ତ୍ତୃପକ୍ଷ ଠିକାଦାରଙ୍କ ଦ୍ୱାରା କରାଇଛନ୍ତି । ଯାହାକୁ ନେଇ ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ଠିକାକର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧିପାଇଛି। ଆର୍କୋଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ ୱାର୍କର୍ସ ୟୁନିୟନ ପକ୍ଷରୁ ପ୍ରାୟ ୧୨୦ଜଣ ଠିକାକର୍ମଚାରୀ ମାସେ ହେଲାଣି ସାମନ୍ତରାପୁରସ୍ଥିତ ଏଏସ୍‌ଆଇ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ବିଭାଗ ଅନେକ ସମୟରେ କର୍ମଚାରୀମାନଙ୍କୁ ନିୟମିତ କରିବା, ଇଏସଆଇ ଫଣ୍ଡ ବୃଦ୍ଧିକରାଇବା ଭଳି ଅନେକ ଦାବିନେଇ ଧାରଣା ବସିଥିବା କର୍ମଚାରୀଙ୍କ ପାଇଁ ଏହା ଠିକ୍ ହୋଇ ନାହିଁ ବୋଲି ୟୁନିୟନ ସମ୍ପାଦକ ନବ କିଶୋର ମହାନ୍ତି କହିଛନ୍ତି । ଦୀର୍ଘ ୬ମାସ ହେବ ବିନା ଦରମାରେ ଏମାନେ ପରିବାର ପ୍ରତିପୋଷଣ କରୁଛନ୍ତି ତାହା ଦୁଃଖଦାୟକ। ଯଥାଶୀଘ୍ର ବିଭାଗୀୟ ଅଧିକାରୀ ଭଡ଼ାରେ କର୍ମଚାରୀ ଆଣି ଠିକାଦାରଙ୍କ ମାଧ୍ୟମରେ ମନ୍ଦିର କାର୍ଯ୍ୟ ତୁଲାଇବା ନୀତି ବନ୍ଦ କରିବାସହ ଧାରଣାରତ କର୍ମଚାରୀଙ୍କ ସମସ୍ୟା ପ୍ରତି ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି। ନଚେତ୍ ଅଗାମୀ ଦିନରେ ୟୁନିୟନ୍ ଆନ୍ଦୋଳାତ୍ମକ ପଦକ୍ଷେପ ଗ୍ରହଣ କରିବ ବୋଲି ମହାନ୍ତି କହିଛନ୍ତି ।

# ନିସ୍‌ର ବାର୍ଷିକ ଉତ୍ସବ ପାଳିତ

**ଭୁବନେଶ୍ୱର,୪।୩ (ବ୍ୟୁରୋ)**

ଭୁବନେଶ୍ୱର ମଦନପୁରସ୍ଥିତ ନିସ୍ ଶିକ୍ଷାନୁଷ୍ଠାନର ବାର୍ଷିକ ଉତ୍ସବ 'ଡ୍ରିମ ଫେଷ୍ଟ' ଦୁଇଦିନ ଧରି ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଉକ୍ତ ଉତ୍ସବରେ ଉଚ୍ଚଶିକ୍ଷା ବିଭାଗର ଅତିରିକ୍ତ ସଚିବ ଡ. ପାର୍ଥ ସାରଥି ମିଶ୍ର ଯୋଗଦେଇ ଗୁଣାତ୍ମକ ଶିକ୍ଷାଦାନ ଓ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସମ୍ପର୍କରେ କହିଥିଲେ। ଉତ୍ସବରେ ନିସ୍ ଅନୁଷ୍ଠାନର ପ୍ରତିଷ୍ଠାତା ଡ. ସୁଭାଷ ଚନ୍ଦ୍ର ନାୟକ, ନିର୍ଦ୍ଦେଶକ ଡ. ଶୃତିକାନ୍ତ ଦୀକ୍ଷିତ, ସହ ପ୍ରତିଷ୍ଠାତା ସ୍ମୃତି ସୁଧା ନାୟକ, ଡେପୁଟି ଡାଇରେକ୍ଟର ପ୍ରଫେସର ଦୁଷ୍ମନ୍ତ କୁମାର ପଟ୍ଟନାୟକ, ଡିନ୍ ଡ. ପି.କେ ପୃଷ୍ଟି ଓ ପ୍ରଶାସନିକ ଅଧିକାରୀ ପିତାମ୍ବର ଚଇନୀ ପ୍ରମୁଖ ଉପସ୍ଥିତ ଥିଲେ। କଣ୍ଠଶିଳ୍ପୀ ଅସୀମା ପଣ୍ଡା ଓ ହାସ୍ୟ ଅଭିନେତା ପପୁ ପମ୍ ପମ୍‌ଙ୍କ ଦ୍ୱାରା ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଛାତ୍ରୀଛାତ୍ରମାନେ ବେଶ୍ ଉପଭୋଗ କରିଥିଲେ। ଏଥିସହିତ ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଓ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।



ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

# ବିଭିନ୍ନ ସ୍ଥାନରେ ଶ୍ରଦ୍ଧାଳୁ ପାଳିଲେ ମହାଶିବରାତ୍ରି

**ବାରଙ୍ଗ/ବାଲିଅନ୍ତା,୪।୩(ଡି.ଏନ୍.ଏ.)**

ପବିତ୍ର ମହାଶିବାରାତ୍ରିକୁ ନେଇ ବାରଙ୍ଗ ଓ ଏହାର ଆଖପାଖ ଅଞ୍ଚଳରେ ଥିବା ଶୈବପୀଠଗୁଡ଼ିକରେ ପ୍ରବଳ ଜନସମାଗମ ହୋଇଥିଲା। ଏ ବର୍ଷ ଶିବରାତ୍ରି ସୋମବାର ପଡୁଥିବାରୁ ସକାଳୁସକାଳୁ ମନ୍ଦିରଗୁଡ଼ିକରେ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା । ଏହି ଭିଡ ବିଳମ୍ବିତ ରାତି ପର୍ଯ୍ୟନ୍ତ ରହିଥିଲା। ରାତି ଉଜାଗର ସହ ଭକ୍ତମାନେ ଦୀପଜାଳି ମହାଦୀପ ଉଠିବା ପର୍ଯ୍ୟନ୍ତ ଅପେକ୍ଷା କରିଥିବା ଜଣାପଡ଼ିଛି। ରାଜଧାନୀ ଉପକଣ୍ଠ କଳାରାହଙ୍ଗର ଜଳେଶ୍ୱର, ବରିମୁଣ୍ଡର ଲକ୍ଷେଶ୍ୱର, ଢାଉଆର ସୋମନାଥ ମନ୍ଦିରରେ ଭକ୍ତଙ୍କ ଭିଡ ଲାଗି ରହିଥିଲା। ସେହିଭଳି ନରାଜ ସିଦ୍ଧେଶ୍ୱର,ବାରଙ୍ଗ କନକଦୁର୍ଗା ମନ୍ଦିର, ନନ୍ଦନକାନନ ଜଗନ୍ନାଥ ମନ୍ଦିର,ରତାଗଡ ଗଡେଶ୍ୱର, ମଧୁବନ, ମେଣ୍ଢାଶାଳ, କଣ୍ଟାବାଡ, କୁଜିମହଲ, ଚନ୍ଦକା, ଦାରୁଠେଙ୍ଗ, ଅନ୍ଧାରୁଆ ଆଦି ଗ୍ରାମରେ ଥିବା ଶୈବପୀଠରେ ଭିଡ଼ରେ ଶ୍ରୀଜିଉଙ୍କୁ ଦର୍ଶନ କରିଥିଲେ। ଏହାସହ ଢାଉଆ ଗ୍ରାମରେ ଥିବା ବାରଙ୍ଗ ତଥା ପଟିଆ ଅଞ୍ଚଳର ପୁରାତନ ଶୈବପୀଠ ସୋମନାଥ ମନ୍ଦିରରେ ଦିନତମାମ ଭିଡ ଥିବାରୁ ରାତିରେ ଗାଡିରଖିବା ପାଇଁ ଟ୍ରାଫିକ ସମସା ଦେଖାଯାଇଥିଲା। ଏହି ଶୈବପୀଠଗୁଡ଼ିକୁ ବିଧାୟକ ପ୍ରିୟଦର୍ଶୀ ମିଶ୍ରଙ୍କ ସମେତ ବହୁ ରାଜନୈତିକ ବ୍ୟକ୍ତିମାନେ ଯାଇ ଶିବଦର୍ଶନ କରିଥିଲେ। ଗଣ୍ଡରପୁର ଗ୍ରାମ ଗୋକନପୁର ସାହି ପକ୍ଷରୁ ସୋମନାଥଙ୍କ ପୀଠରେ ରାତିରେ ଏକ ସାମାଜିକ ନାଟକ ମଞ୍ଚସ୍ଥ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିଜେଡି ନେତା ମାଧବ ରାଉତଙ୍କ ସହ ସ୍ଥାନୀୟ ଯୁବକମାନେ ପରିଚାଳନା କରିଥିଲେ।

ମହାଶିବରାତ୍ରି ପାଇଁ ସୋମବାର ବାଲିଅନ୍ତା ବ୍ଲକ ଏହାର ଆଖପାଖରେ ଥିବା ବିଭିନ୍ନ ପ୍ରାଚୀନ ଶୈବପୀଠରେ ଚଳଚଞ୍ଚଳ ହୋଇପଡିଛି। ଭୋର ୫ଟାରୁ ରାତି ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା। ଶ୍ରଦ୍ଧାଳୁମାନେ ଧାଡିରେ ଛିଡା ହୋଇ ଦେବ ଦେବ ମହାଦେବଙ୍କୁ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ। ବିଶେଷ କରି ନଖରାସ୍ଥିତ ଶ୍ରୀ ଲକ୍ଷେଶ୍ୱର ହରିଦାଶପୁରରେ ସ୍ୱପ୍ନେଶ୍ୱର, ନହରକଣ୍ଟାର ରୁଦ୍ରେଶ୍ୱର, ବାଲିଅନ୍ତାର ବାଲୁଙ୍କେଶ୍ୱର, ମଞ୍ଚେଶ୍ୱରର ମଞ୍ଚନାଥ, ପାଣ୍ଡରାର ପଣ୍ଡୁକେଶ୍ୱର, ବେଣୁପୁର ନୀଳକଣ୍ଠେଶ୍ୱର, ଭିଙ୍ଗାରପୁର ପ୍ରାଚୀନ ଶ୍ରୀ ମୁକ୍ତେଶ୍ୱର ଧମିଲୋର ବେଲେଶ୍ୱର, ପ୍ରତାପରୁଦ୍ରପୁରର ଅଖଣ୍ଡଳେଶ୍ୱର, ସଠିଲୋଇ ଚମ୍ପେଶ୍ୱର, ବେଷ୍ଟପୁର ଶ୍ରୀ ବାଣେଶ୍ୱର,ବଇଁଚୁଆର ସିଦ୍ଧେଶ୍ୱର ଗୋଳେବିନ୍ଧାର ସୀତାରାମେଶ୍ୱର, ଟଙ୍କପାଣିର ଭାବକୁଣ୍ଡେଳେଶ୍ୱର, ଭୁବନପୁରର ବେଲେଶ୍ୱର ଓ ଅଟଳାର ଅଟଳେଶ୍ୱର ଆଦି ପ୍ରାଚୀନ ଶୈବପୀଠରେ ମହାଶିବରାତ୍ରୀ ଆନନ୍ଦ ଉଲ୍ଲାସରେ ପାଳିତ ହୋଇଯାଇଛି। ରାତି ସାଢେ ୧୦ଟାରେ ଏହି ସବୁ ଶୈବପୀଠରେ ମହାଦୀପ ଉଠିଥିଲା। ମହାଶିବରାତ୍ରି ପାଇଁ ସଂକୀର୍ତ୍ତନ ଆଦି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।



ବାଲିଅନ୍ତାର ଏକ ମନ୍ଦିରରେ ମହାଦୀପ ଉଠାଯାଉଛି।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୫/୨୦୧୯ Bhubaneswar, Tuesday, March 5/ 2019

## ସଂକ୍ଷେପରେ

### ଟ୍ରେନ୍‌ରୁ ଚୋରି କରି ଖସି ଯାଉଥିଲେ
### ରେଲ୍‌ୱେ ଷ୍ଟେଶନରୁ ଗିରଫ ହେଲେ ଦୁଇ ଅଭିଯୁକ୍ତ

**ଭୁବନେଶ୍ୱର,୪ ।୩ (ବ୍ୟୁରୋ):** ସମ୍ବଲପୁର-ପୁରୀ ଇଣ୍ଟରସିଟି ଟ୍ରେନ୍‌ରୁ ଚୋରି କରୁଥିବା ଦୁଇ ଅଭିଯୁକ୍ତଙ୍କୁ ଜିଆର୍‌ପି ଥାନା ପୋଲିସ ସୋମବାର ଗିରଫ କରିଛି। ସେମାନେ ହେଲେ ଭଞ୍ଜନଗର ମରାଠୀ ସାହିର ଡି ଶିବା(୧୯) ଓ ଆନ୍ଧ୍ରପ୍ରଦେଶ ପଶ୍ଚିମ ଗୋଦାବରୀ ଅଞ୍ଚଳର ପି କାର୍ତ୍ତିକ(୧୯)। ସୂଚନା ମୁତାବକ, ଅନୁଗୋଳ ଟାଉନ ଥାନା ଅଞ୍ଚଳର ହିମାଂଶୁ ଶେଖର ଦାସ ଇଣ୍ଟରସିଟିରେ ଭୁବନେଶ୍ୱର ଆସୁଥିଲେ। ପୂର୍ବାହ୍ନ ୧୧ଟାରେ ସେ ବାଣୀବିହାର ଷ୍ଟେଶନରେ ଓହ୍ଲାଇବାବେଳେ ତାଙ୍କର କିଛି ଦରକାରୀ କାଗଜପତ୍ର ଓ କିଛି ଦାମୀ ସାମଗ୍ରୀ ଥିବା ବ୍ୟାଗ୍ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ତାଙ୍କ ନିକଟରେ ବସିଥିବା ଦୁଇଜଣ ଯୁବକଙ୍କ ଉପରେ ସନ୍ଦେହ କରି ହିମାଂଶୁ ଜିଆର୍‌ପି ଥାନାକୁ ଜଣାଇଥିଲେ। ଟ୍ରେନ୍ ମାଷ୍ଟର କ୍ୟାଣ୍ଟିନରେ ପହଞ୍ଚିବା ପରେ ଜିଆରପି ଓ ଆରପିଏଫ୍ ଖୋଜା ଖୋଜି କରୁଥିବାଦେଖି ଉକ୍ତ ଦୁଇଜଣ ୬ ନମ୍ବର ପ୍ଲାଟଫର୍ମ ପାଣିଟାଙ୍କି ଦେଇ ଖସି ଯାଉଥିଲେ। ଏହି ସମୟରେ ପୋଲିସ ସେମାନଙ୍କୁ କାବୁ କରିବା ସହ ଚୋରି ବ୍ୟାଗ୍‌କୁ ଜବତ କରିଥିଲା। ଏ ନେଇ ପୋଲିସ ୩୨/୧୯ରେ ଏକ ମାମଲା ରୁଜୁ କରି ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

### ବିବାହ ଶୋଭାଯାତ୍ରା ବେଳେ ଅଘଟଣ
### ବାଣ ଫୁଟି ଦୋକାନରେ ଲାଗିଲା ନିଆଁ

**ସାକ୍ଷୀଗୋପାଳ, ୪।୩(ଡି.ଏନ୍.ଏ.):** ସତ୍ୟବାଦୀ ବ୍ଲକ ସାକ୍ଷୀଗୋପାଳ ପାଠଶାଳାକୁ ରବିବାର ରାତିରେ ଆସୁଥିବା ଏକ ବିବାହ ଶୋଭାଯାତ୍ରା ବେଳେ ଅଘଟଣ ଘଟିଛି। ଶୋଭାଯାତ୍ରା ବଡ଼ବଜାର ଅତିକ୍ରମ କରିବା ସମୟରେ ବାଣ ଫୁଟାଯାଇଥିଲା। ମାତ୍ର ଗୋଟିଏ ହବେଲି ବାଣ ହଠାତ ଲକ୍ଷ୍ୟଭ୍ରଷ୍ଟ ହୋଇ ଏକ ହାର୍ଡୱେର ଦୋକାନର ଆଜ୍‌ବେଷ୍ଟସ ଫଟାଇ ଦୋକାନ ଭିତରକୁ ପଶିଯାଇଥିଲା। ସେତେବେଳେ ବନ୍ଦ ଥିବା ଦୋକାନରୁ ଧୂଆଁ ବାହାରିବା ଦେଖି କିଛିଲୋକ ଦୋକାନ ଉପରକୁ ଚଢ଼ିଯାଇ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। ଖବରପାଇ ମାଲିକ ପହଞ୍ଚି ଦୋକାନ ତାଲା ଖୋଲିବାରୁ ନିଆଁକୁ ଆୟତ୍ତ କରାଯାଇଥିଲା। ଘଟଣାସ୍ଥଳରେ ସାକ୍ଷୀଗୋପାଳ ଦମକଳ କେନ୍ଦ୍ରର ନିଆଁ ଲିଭାଳି ଦଳ ୨ଟି ଦମକଳ ସହ ପହଞ୍ଚିଥିଲେ। ଏ ନେଇ ସତ୍ୟବାଦୀ ପୋଲିସକୁ ବଜାର କମିଟି ପକ୍ଷରୁ ଖବର ଦିଆଯାଇଥିଲା। ପୋଲିସ ପହଞ୍ଚିବାବେଳକୁ ଡିଜେ ସାଉଣ୍ଡ ଓ ବାଣୁଆ ଖସି ପଳାଇଥିବା ବେଳେ ଅନ୍ୟ ଗାଡ଼ି ଓ ବାଜାବାଲାଙ୍କୁ ପୋଲିସ ଥାନାକୁ ନେଇଛି।

### ପୁରୀ ହିଂସା, ପୁଣି ଜଣେ ଗିରଫ

**ପୁରୀ ଅଫିସ,୪।୩:** ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନକୁ ନେଇ ହୋଇଥିବା ପୁରୀ ହିଂସା ଘଟଣାରେ ସିଂହଦ୍ୱାର ପୋଲିସ ସୋମବାର ପୁଣି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ସିଂହଦ୍ୱାର ସୂଚନା କେନ୍ଦ୍ର ଭଙ୍ଗାରୁଜା ଘଟଣାରେ ଥାନାରେ ରୁଜୁ କେସ୍ (ନଂ.୮୩/୧୮)ରେ ଲୋକନାଥ ରୋଡ଼ ହାତୀଶାଳ ଅଞ୍ଚଳର ସନ୍ତୋଷ ମହାପାତ୍ରଙ୍କୁ ଗିରଫ କରାଯାଇଛି ବୋଲି ସିଂହଦ୍ୱାର ଆଇଆଇସି ଶ୍ରବଣ କୁମାର ମହାରଣା କହିଛନ୍ତି।

### ୬ ବଖରା ଭସ୍ମୀଭୂତ, ୪ ଛେଳି ଜୀବନ୍ତଦଗ୍ଧ

**କଣାସ/ବଳଙ୍ଗା, ୪।୩(ଡି.ଏନ୍.ଏ.):** ଡେଲାଙ୍ଗ ବ୍ଲକ ଖେଲାଉର ଗ୍ରାମରେ ରବିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୨ ପରିବାରର ୪ ବଖରା ସହ ସମସ୍ତ ଆସବାବ ଭସ୍ମୀଭୂତ ହୋଇଛି। ବାମନ କାଣ୍ଡି ଓ ବାବୁଲା କାଣ୍ଡିଙ୍କ ଚାଳଘରେ ନିଆଁ ଲାଗିଥିବା ଦେଖି ପଡ଼ୋଶୀମାନେ ଡାକ ପକାଇଥିଲେ। ଦୁଇ ଦୁର୍ଗତଙ୍କ ପରିବାର ପିନ୍ଧିଥିବା ବସ୍ତ୍ରକୁ ଛାଡି କୌଣସି ସାମଗ୍ରୀ ଉଦ୍ଧାର କରିପାରି ନ ଥିଲେ। ଡେଲାଙ୍ଗରୁ ଦମକଳ ବାହିନୀ ପହଞ୍ଚି ନିଆଁ ଲିଭାଇବାରେ ସହାୟତା କରିଥିଲେ। ସେହିପରି ବଳଙ୍ଗା ଥାନା ଅନ୍ତର୍ଗତ ବଳଙ୍ଗା ପ୍ରଧାନ ସାହିର ଦୁର୍ଯ୍ୟୋଧନ ଜେନାଙ୍କ ଘରେ ରବିବାର ରାତ୍ର ୨ଟାରେ ନିଆଁଲାଗି ୨ବଖରା ଜଳିଯିବା ସହ ସମସ୍ତ ଆସବାବପତ୍ର ପୋଡିଯାଇଛି। ଘରୁ ବାହାରି ନ ପାରି ୪ଟି ଛେଳି ଜୀବନ୍ତଦଗ୍ଧ ହୋଇଛନ୍ତି। ନିମାପଡା ଓ ପିପିଲିରୁ ଦମକଳ ଆସିବାବେଳକୁ ସମ୍ପୂର୍ଣ୍ଣ ଘର ଜଳିଯାଇଥିଲା। ଅଗ୍ନିକାଣ୍ଡର କାରଣ ଜଣାପଡି ନାହିଁ।

■ ଶହୀଦନଗର ଥାନା ଭଙ୍ଗାରୁଜା, ପୋଲିସକୁ ମାଡ଼ ଘଟଣା

# ବିଜେଡି ନେତାଙ୍କ ନାଁରେ ମାମଲା

**ଭୁବନେଶ୍ୱର,୪।୩(ବ୍ୟୁରୋ)**

ଏକ ଗଣ୍ଡଗୋଳ ଘଟଣାକୁ ନେଇ ଶହୀଦନଗର ଥାନାରେ ରବିବାର ରାତିରେ ବିଜେଡି ନେତା ତଥା ବିଜୁ ଯୁବ ଜନତାର ରାଜ୍ୟ ଉପସଭାପତି ପ୍ରକାଶ ତ୍ରିପାଠୀ ଓ ସହଯୋଗୀମାନେ ଲଙ୍କାକାଣ୍ଡ ଘଟାଇଥିଲେ। ଥାନାରେ ବ୍ୟାପକ ଭଙ୍ଗାରୁଜା କରିବା ସହ ପୋଲିସକୁ ନିଘୁଞ୍ଚ ମାଡ଼ ମାରିଥିଲେ। ସେମାନଙ୍କ ଆକ୍ରମଣରେ ଦୁଇଜଣ ଏଏସ୍‌ଆଇଙ୍କ ସମେତ ୪ଜଣ ଆହତ ହୋଇଥିଲେ। ଏଏସ୍‌ଆଇ ଅଭୟ ରାଉତଙ୍କ ଅଭିଯୋଗକ୍ରମେ ପୋଲିସ ଆଇପିସି ଦଫା ୪୫୧, ୧୪୭, ୨୯୪, ୩୩୬, ୩୩୨, ୩୩୩, ୩୦୭, ୪୨୭, ୧୪୯ ଓ ସେକ୍ସନ ୩ ବିଡିପି ଏବଂ ସେକ୍ସନ ୮ ସିଆରଏଲ ଆକ୍ଟରେ ପ୍ରକାଶ ଓ ସହଯୋଗୀଙ୍କ ନାମରେ ମାମଲା ନଂ.୧୧୨/୧୯ ରୁଜୁ କରିଛି। ତେବେ ପୋଲିସ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ ମଧ୍ୟ ସୋମବାର ରାତି ସୁଦ୍ଧା କାହାକୁ ଗିରଫ କରିନି। ଏହି ଘଟଣାକୁ ନେଇ ପୋଲିସ ଉପରେ ରାଜନୈତିକ ଚାପ ପଡୁଛି। ଜଣେ ବିଧାୟକ ଫୋନ୍ କରି ତାଙ୍କ ନେତାଙ୍କୁ ଗିରଫ ନ କରିବା ପାଇଁ ତାଗିଦ କରିଥିବା ଜଣାପଡିଛି।

ଅନ୍ୟପକ୍ଷରେ ଗଣ୍ଡଗୋଳ ଘଟଣାରେ ଭିଏସ୍‌ଏସ୍ ନଗରର ସଂଗ୍ରାମ ମଲ୍ଲିକଙ୍କ ଅଭିଯୋଗକ୍ରମେ ପ୍ରକାଶ ଓ ୩୦ଜଣ ସହଯୋଗୀଙ୍କ ବିରୋଧରେ ଆଇପିସି ଦଫା ୩୦୭, ୩୪୧, ୩୨୩, ୩୭୯, ୨୯୪, ୫୦୬ ଓ ୩୪ରେ ମାମଲା ନଂ. ୧୧୧/୧୯ ରୁଜୁ ହୋଇଛି। ସେହିଭଳି ପ୍ରକାଶଙ୍କ ଅଭିଯୋଗ ଆଧାରରେ ପୋଲିସ ୫ଜଣଙ୍କ ନାମରେ ଆଇପିସି ଦଫା ୩୪୧, ୩୨୩, ୩୨୫ ଓ ୩୦୭ରେ ମାମଲା ନଂ. ୧୧୦/୧୯ ରୁଜୁ କରି ଭିଏସ୍‌ଏସ୍ ନଗରରେ ରହୁଥିବା ଆଶିଷ କୁମାର ସେଠୀଙ୍କୁ ଗିରଫ କରିଛି। ଅନ୍ୟ ୩ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ତେବେ ପ୍ରକାଶଙ୍କ ନାମରେ ଦୁଇଟି ମାମଲା ରୁଜୁ ହୋଇଥିଲେ ମଧ୍ୟ ତାଙ୍କୁ ଗିରଫ କରାଯାଇ ନ ଥିବାରୁ ପ୍ରତିପକ୍ଷଙ୍କ ପକ୍ଷରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପୋଲିସ ହିଁ ପ୍ରକାଶଙ୍କୁ ସବୁ ସୁଯୋଗ ଦେଇ ଆସିଥିଲା। ଯେଉଁଥିପାଇଁ ପୋଲିସକୁ ଆକ୍ରମଣ କରିବାକୁ ସେ ସାହସ କଲେ। ପ୍ରକାଶ ଶାସକ ଦଳର ହୋଇଥିବାରୁ ଓ ଥାନାଧିକାରୀଙ୍କ ସମେତ ଅନ୍ୟ କର୍ମଚାରୀଙ୍କ ସହ ତାଙ୍କର ଭଲ ସମ୍ପର୍କ ଥିବାରୁ ତାଙ୍କୁ ଭିଡିରି ସୁରକ୍ଷା ଦିଆଯାଉଥିବା ସେମାନେ ଅଭିଯୋଗ କରିଛନ୍ତି। ଏପରି କି ଗତ ୨୫ ତାରିଖରେ ନୂତନ ଥାନା ଅଧିକାରୀଙ୍କୁ ପ୍ରକାଶ ଓ ସହଯୋଗୀମାନେ ଫୁଲ ତୋଡ଼ା ଦେଇ ସ୍ୱାଗତ କରିଥିଲେ। ଏହାର ଫଟୋକୁ ଦେଖାଇ ଏବେ ପ୍ରତିପକ୍ଷ ଗୋଷ୍ଠୀ ନାନା ପ୍ରଶ୍ନ କରିବା ସହ ପୋଲିସଠାରୁ ନ୍ୟାୟ ପାଇବା ନେଇ ଆଶଙ୍କା କରିଛନ୍ତି।

ଘଟଣାରୁ ପ୍ରକାଶ, ରବିବାର ରାତିରେ ଭିଏସ୍‌ଏସ୍ ଜିଏଲ୍ କଲୋନୀ ନିକଟରେ ୩ଜଣ ଯୁବକ ବାଇକ ରଖି ବସିଥିଲେ। ଏହି ସମୟରେ ଏକ କାର ଆସି ଉକ୍ତ ବାଇକକୁ ଧକ୍କା ଦେଇ ପଳାଇଥିଲା। ସମ୍ପୃକ୍ତ ଯୁବକମାନେ ବାଇକ୍‌ରେ ଉକ୍ତ କାରକୁ ପିଛା କରି ସୈନିକ ସ୍କୁଲ୍ ନିକଟରେ ଅଟକାଇଥିଲେ। ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। କାର୍ ଡ୍ରାଇଭର ଜଣକ ବିଜେଡି ନେତା ପ୍ରକାଶଙ୍କ ସମ୍ପର୍କୀୟ ହୋଇଥିବାରୁ ସେ ତାଙ୍କୁ ଫୋନ୍ କରି ଡାକିଥିଲେ। ପ୍ରକାଶ ଓ ସହଯୋଗୀମାନେ ପହଞ୍ଚିବା ପରେ ସମ୍ପୃକ୍ତ ଯୁବକଙ୍କ ସହ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉଭୟ ଗୋଷ୍ଠୀରୁ ୪ଜଣ ଆହତ ହୋଇଥିଲେ। ପୋଲିସ ପହଞ୍ଚି ପିସିଆର ଭ୍ୟାନରେ ୪ଜଣଙ୍କୁ ଥାନାକୁ ଆଣିଥିଲେ। ପରେ ପ୍ରକାଶ ୩୦ରୁ ଊର୍ଦ୍ଧ୍ୱ ସମର୍ଥକଙ୍କ ସହ ଥାନାରେ ପହଞ୍ଚି ଆତଙ୍କ ଖେଳାଇଥିଲେ। ପ୍ରଥମେ ଥାନାରେ ଥିବା ଅନ୍ୟ ଗୋଷ୍ଠୀର ଯୁବକମାନଙ୍କୁ ମାଡ଼ ମାରିଥିଲେ। ସେମାନଙ୍କୁ ଉଦ୍ଧାର କରିବାକୁ ଯାଇ ପୋଲିସ ମଧ୍ୟ ଆକ୍ରମଣର ଶିକାର ହୋଇଥିଲା। ଏପରି କି ସେମାନେ ଥାନାର ଟିଭି, ସିସିଟିଭି, ଫୋନ୍, ଚେୟାର ଓ ଫୁଲକୁଣ୍ଡ ଭାଙ୍ଗି ଦେଇଥିଲେ। ଥାନା ଭିତରକୁ ଟେକାପଥର ମାଡ଼ କରିଥିଲେ। ଥାନା ଅଧିକାରୀ ବିରଞ୍ଚି ନାରାୟଣ ପତିଙ୍କୁ ଫୁଲ କୁଣ୍ଡ ଫୋପାଡି ଆକ୍ରମଣ ଉଦ୍ୟମ କରିଥିଲେ।

ଘଟଣାକୁ ନେଇ ପୋଲିସ କମିଶନର ସତ୍ୟଜିତ ମହାନ୍ତି କହିଛନ୍ତି, ସିସିଟିଭି ଫୁଟେଜରୁ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କୁ ଶୀଘ୍ର ଗିରଫ କରାଯିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ଫୁଲତୋଡ଼ା ଦେବାକୁ ଆସିଥିବାବେଳେ ଥାନା ଅଧିକାରୀଙ୍କ ସହ ପ୍ରକାଶ।

■ଗିରଫ ନ କରିବାକୁ ପଡୁଛି ରାଜନୈତିକ ଚାପ

■ଗଣ୍ଡଗୋଳ ଘଟଣାରେ ଜଣେ ଗିରଫ, ୩ ଅଟକ

■ଦୁଇ ଗୋଷ୍ଠୀର ୩୫ରୁ ଊର୍ଦ୍ଧ୍ୱ ଜଣଙ୍କ ନାମରେ ମାମଲା

## ଭାଜପାର ବିକ୍ଷୋଭ, ଡିସିପିଙ୍କୁ ଦାବିପତ୍ର

**ଭୁବନେଶ୍ୱର,୪।୩ (ବ୍ୟୁରୋ)**

**ପ୍ରକାଶଙ୍କୁ ଗିରଫ ଦାବି**

ଶହୀଦନଗର ଥାନା ଭିତରେ ଭଙ୍ଗାରୁଜା ଓ ପୋଲିସକୁ ମାଡ଼ ଘଟଣାକୁ ନେଇ ରାଜନୀତି ମୁଣ୍ଡ ଟେକିଛି। ଭାଜପା ଏହି ଘଟଣାକୁ ତୀବ୍ର ନିନ୍ଦା କରିବା ସହ ମୁଖ୍ୟ ଅଭିଯୁକ୍ତ ବିଜୁ ଯୁବ ଜନତାର ରାଜ୍ୟ ଉପସଭାପତି ପ୍ରକାଶ ତ୍ରିପାଠୀଙ୍କୁ ତୁରନ୍ତ ଗିରଫ ପାଇଁ ଦାବି କରିଛି। ସୋମବାର ଅପରାହ୍ନରେ ଭାଜପା ପକ୍ଷରୁ ଡିସିପି ଅଫିସ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା। ପରେ ଭୁବନେଶ୍ୱର ଜିଲା ସଭାପତି ହରେକୃଷ୍ଣ ଖୁଣ୍ଟିଆଙ୍କ ନେତୃତ୍ୱରେ ଏକ ଟିମ୍ ଡିସିପିଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ଖୁଣ୍ଟିଆ କହିଥିଲେ ଯେ, ରାଜଧାନୀରେ ଶାସକ ଦଳ ଆଗରୁ ଲୋକଙ୍କୁ ଭୟଭୀତ କରି ରଖୁଥିଲା। ଏବେ ପୋଲିସକୁ ଡରାଉଛନ୍ତି। ଥାନାରେ ପଶି ଭଙ୍ଗାରୁଜା କରିବା ସହ ପୋଲିସକୁ ମାଡ଼ମାରି ମୁଣ୍ଡ ଫଟାଉଛନ୍ତି। ତେବେ ପୋଲିସ ଉପରେ ଚାପ ପଡ଼ି ବିଜେଡି ନେତା ପ୍ରକାଶଙ୍କୁ ଗିରଫ କରୁନି। ଏହି ବିକ୍ଷୋଭରେ ଭାଜପାର ରାଜ୍ୟ ପ୍ରବକ୍ତା ଦିଲୀପ ମହାନ୍ତି,ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଟଙ୍କଧର ତ୍ରିପାଠୀ, ରାଷ୍ଟ୍ରୀୟ ଯୁବମୋର୍ଚ୍ଚା ଉପସଭାପତି ଠାକରୁ ରଞ୍ଜିତ ଦାଶ, ଜିଲା ଉପସଭାପତି ନିରଞ୍ଜନ ରାଉତରାୟ ପ୍ରମୁଖ ଉପସ୍ଥିତ ରହିଥିଲେ।

### ବୟସ୍କା ମହିଳାଙ୍କୁ ଥାନା ଭିତରେ ପୋଲିସର ନିର୍ଯାତନା
## ଏନ୍‌ଏଚ୍‌ଆର୍‌ସିରେ ମାମଲା

**କଟକ ଅଫିସ, ୪।୩**

ଜଣେ ୬୨ ବର୍ଷ ବୟସର ମହିଳାଙ୍କୁ ଥାନା ଭିତରେ ପୋଲିସ ନିର୍ଯାତନା ଦେଇଛି। ମହିଳାଙ୍କୁ ପୋଲିସର ଶକ୍ତ ଚାପୁଡ଼ା ଏବଂ ହାତ ମୋଡ଼ିବାର ଦୃଶ୍ୟ ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଥିଲା। ଉକ୍ତ ଭିଡିଓକୁ ଆଧାର କରି ମାନବାଧିକାର କର୍ମୀ ଜୟନ୍ତ କୁମାର ଦାସ ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆରସି)ରେ ମାମଲା ରୁଜୁ କରିଛନ୍ତି। ଜୟନ୍ତ ଉକ୍ତ ମାମଲାରେ ପୋଲିସ ଡିଜିଙ୍କୁ ପକ୍ଷଭୁକ୍ତ କରିବା ସହିତ ଯେଉଁ ପୋଲିସମାନେ ଏଭଳି ଅମାନବୀୟ କାର୍ଯ୍ୟ କରିଛନ୍ତି ସେମାନଙ୍କ ସହିତ ସମ୍ପୃକ୍ତ ଥାନାର ଆଇଆଇସିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପିଟିଶନରେ ନିବେଦନ କରିଛନ୍ତି। ଏହାବାଦ୍ ପୋଲିସ ମାଡ଼ର ଶିକାର ହୋଇଥିବା ବୟସ୍କ ମହିଳାଙ୍କୁ ୧ ଲକ୍ଷ ଟଙ୍କାର କ୍ଷତିପୂରଣ ଦେବା ପାଇଁ ଜୟନ୍ତ ପିଟିଶନରେ ଉଲ୍ଲେଖ କରିଛନ୍ତି। ସୂଚନାଥାଉ କି, ସମ୍ବଲପୁର ଜିଲା ରେଙ୍ଗାଲି ଥାନା ଅଞ୍ଚଳରେ ଏହି ଘଟଣା ଘଟିଥିଲା। ଘଟଣାଟି କେବେ ଘଟିଥିଲା ତାହା ଜଣା ନ ଥିବାରୁ ଜୟନ୍ତ ଏ ସମ୍ପର୍କରେ ରେଙ୍ଗାଲି ଥାନା ଲ୍ୟାଣ୍ଡଲାଇନ ନମ୍ବର ୦୬୬୩୨୫୬୦୫୧୯କୁ ଯୋଗାଯୋଗ କରିଥିଲେ। ମାତ୍ର ଏହି ନମ୍ବର କାହାରିକୁ ଦିଆଯାଇ ନ ଥିବା ସୂଚନା ମିଳିଥିଲା। ଏହାପରେ ସେ ଆଇଆଇସିଙ୍କ ମୋବାଇଲ ନମ୍ବର ୯୪୩୮୯୧୬୫୬୭୦କୁ ମଧ୍ୟ ଯୋଗାଯୋଗ କରିଥିଲେ। ମାତ୍ର ନମ୍ବର ସୁଇଚଅଫଥିବାଜୟନ୍ତସୂଚନାଦେଇଛନ୍ତି।

### ହକି ବିଶ୍ୱକପ୍ ସମ୍ପର୍କିତ ତଥ୍ୟ ଦେଉନାହାନ୍ତି ରାଜ୍ୟ ସରକାର
## ରାଜଭବନ ଆଗରେ ଧାରଣା ଦେବ ଓସା

**ଭୁବନେଶ୍ୱର,୪।୩(ବ୍ୟୁରୋ)**

ହକି ବିଶ୍ୱକପ୍‌କୁ ତିନିମାସ ବିତିଯାଇଥିଲେ ମଧ୍ୟ ସୂଚନା ଅଧିକାର ଆଇନ ବଳରେ ହକି ବିଶ୍ୱକପ୍ ସମ୍ପର୍କିତ କୌଣସି ତଥ୍ୟ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ଦେଉ ନ ଥିବା ଓଡ଼ିଶା ସୂଚନା ଅଧିକାର ଅଭିଯାନ(ଓସା) ପକ୍ଷରୁ ଅଭିଯୋଗ ହୋଇଛି। ଅଭିଯାନର ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନଙ୍କ କହିବାନୁଯାୟୀ, ହକି ବିଶ୍ୱକପ୍ ଆୟୋଜନ ଦାୟିତ୍ୱରେ ଥିବା କ୍ରୀଡ଼ା ଓ ଯୁବ ସେବା ବିଭାଗ ସହ ଅନ୍ୟାନ୍ୟ ବିଭାଗ ଏବଂ ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ସୂଚନା ଅଧିକାର ଆଇନ ବଳରେ ହକି ବିଶ୍ୱକପ୍ ସମ୍ପର୍କିତ ତଥ୍ୟ ନଭେମ୍ବରରୁ ଫେବୃୟାରୀ ମାସ ମଧ୍ୟରେ ଦେବାକୁ ଆବେଦନ କରାଯାଇଥିଲା। ହକି ଖେଳ ପାଇଁ ସରକାର କରିଥିବା ବଜେଟ ବ୍ୟବସ୍ଥା, ହକି ଇଣ୍ଡିଆ ଏବଂ କେନ୍ଦ୍ର ସରକାରଙ୍କ ଅନୁଦାନ, କେଉଁ ବାବଦରେ କେତେ ଖର୍ଚ୍ଚ ହୋଇଛି, ଭୁବନେଶ୍ୱର ଏବଂ କଟକରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ବ୍ୟୟ ହୋଇଥିବା ଅର୍ଥରାଶ ଆଦି ସମ୍ପର୍କରେ ତଥ୍ୟ ଜାଣିବା ପାଇଁ ଆବେଦନ କରାଯାଇଥିଲା। କିନ୍ତୁ କୌଣସି ବିଭାଗର ସୂଚନା ଅଧିକାରୀ ତଥ୍ୟ ନ ଦେଇ ସମସ୍ତ ଆବେଦନ ଫର୍ମକୁ କ୍ରୀଡ଼ା ଓ ଯୁବ ସେବା ବିଭାଗକୁ ପଠାଇଦେଇଛନ୍ତି। ତେବେ ଓସା ପକ୍ଷରୁ ମଗାଯାଇଥିବା ତଥ୍ୟ ପ୍ରଦାନ କରିବାକୁ ଯାଇ ଜନ ସୂଚନା ଅଧିକାରୀ କେବଳ ହକିବିଶ୍ୱକପ୍ ପାଇଁ ମାତ୍ର ୮୫.୫୦ କୋଟି ଟଙ୍କାର ବଜେଟ୍ ହୋଇଥିବା ଏବଂ କେତେକ ସଂସ୍ଥାକୁ ସମୁଦାୟ ୫ କୋଟି ଦିଆଯାଇଛିବୋଲି ତଥ୍ୟ ପ୍ରଦାନ କରିଛନ୍ତି। ଅନେକ କ୍ଷେତ୍ରରେ ବାରମ୍ବାର ଅପିଲ୍ ପରେ କର୍ତ୍ତୃପକ୍ଷ ନିର୍ଦ୍ଦେଶ ଦେଉଥିଲେ ମଧ୍ୟ ତଥ୍ୟ ପ୍ରଦାନ କରାଯାଉନାହିଁ। ତେଣୁ ଏହାର ପ୍ରତିବାଦରେ ଆସନ୍ତା ୭ତାରିଖରେ ରାଜଭବନ ଆଗରେ ଧାରଣା ଦିଆଯାଇ ରାଜ୍ୟପାଳଙ୍କୁ ଏ ସମ୍ପର୍କିତ ସ୍ମାରକପତ୍ର ପ୍ରଦାନ କରାଯିବ ବୋଲି ଓସା ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଜଣାଇ ଦିଆଯାଇଛି।



ନୃତ୍ୟଶାଳା ପକ୍ଷରୁ ଭୁବନେଶ୍ୱରସ୍ଥିତ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରରେ ଚାଲିଥିବା ନବମ ଶାସ୍ତ୍ରୀୟ ନୃତ୍ୟ କାର୍ଯ୍ୟକ୍ରମ 'ମାର୍ଗୀ'ର ସୋମବାର ଉଦ୍‌ଯାପନୀ ସନ୍ଧ୍ୟାରେ ନୃତ୍ୟଶିଳ୍ପୀ ଅରୁଣା ମହାନ୍ତି (ବାମ) ଓ ପୂଣ୍ୟଶ୍ରୀ ରାଉତ ନୃତ୍ୟ ପରିବେଷଣ କରୁଛନ୍ତି।

## ଶିଳାନ୍ୟାସ ଫଳକ ଭାଙ୍ଗିଲେ ଦୁର୍ବୃତ୍ତ



**ବାଲକାଟୀ,୪।୩(ଡି.ଏନ୍.ଏ.)**

ବାଲକାଟୀସ୍ଥିତ ପ୍ରତାପଶାସନ ଗ୍ରାମରେ ଗତ ୨ତାରିଖରେ ଏକ ପାନୀୟଜଳ ପ୍ରକଳ୍ପର ନବୀକରଣ କାର୍ଯ୍ୟ ପାଇଁ ଅର୍ଥମନ୍ତ୍ରୀ ତଥା ଜୟଦେବ ବିଧାୟକ ଶଶିଭୂଷଣ ବେହେରା ଶିଳାନ୍ୟାସ କରିଥିଲେ। ସୋମବାର ଏହି ଶିଳାନ୍ୟାସ ଫଳକକୁ କେହି ଦୁର୍ବୃତ୍ତ ଭାଙ୍ଗି ଦେଇଥିବା ଦେଖାଯାଇଛି। ସୂଚନାଯୋଗ୍ୟ, ଗ୍ରାମ୍ୟ ଜଳଯୋଗାଣ ବିଭାଗ ପକ୍ଷରୁ ୩କୋଟି ୨୪ଲକ୍ଷ ଟଙ୍କା ବ୍ୟୟରେ ଗଡଗଡିଆ ମହାଦେବଙ୍କ ମନ୍ଦିର ନିକଟରେ ପାନୀୟଜଳ ପ୍ରକଳ୍ପ ସହ ନବୀକରଣ କାର୍ଯ୍ୟର ଟେଣ୍ଡର କରାଯାଇଥିଲା। ପଞ୍ଚାୟତର ୨୨ହଜାର ଜନସାଧାରଣଙ୍କୁ ପାନୀୟ ଜଳଯୋଗାଣ ପାଇଁ ୧୦କିମି ପର୍ଯ୍ୟନ୍ତ ନୂତନ ପାଇପ ବିଛାଯିବା ସହ ତିନୋଟି ଓଭରହେଡ ଟାଙ୍କି ନିର୍ମାଣ ପାଇଁ ଟେଣ୍ଡର କରାଯାଇଥିଲା। ନିର୍ମାଣ କାର୍ଯ୍ୟ ୩ତାରିଖରୁ ଆରମ୍ଭ ହୋଇ ଆସନ୍ତା ବର୍ଷ ମାର୍ଚ୍ଚ ମଧ୍ୟରେ ଶେଷ ହେବ ବୋଲି ମନ୍ତ୍ରୀ କହିଥିଲେ। କିନ୍ତୁ କାର୍ଯ୍ୟ ଆରମ୍ଭ ନ ହେଉଣୁ ଏବଂ ଭିତ୍ତିପ୍ରସ୍ତରର ଦୁଇଦିନ ନ ପୂରୁଣୁ କେହି ଦୁର୍ବୃତ୍ତ ଫଳକକୁ ଭାଙ୍ଗିଦେଇଛନ୍ତି। ଏଭଳି କାର୍ଯ୍ୟକୁ ବୁଦ୍ଧିଜୀବୀମାନେ ନିନ୍ଦା କରିବା ସହ ଏହା କୌଣସି ବିରୋଧୀ ଗୋଷ୍ଠୀର କାର୍ଯ୍ୟ ହୋଇପାରେ ବୋଲି ଆଲୋଚନା ହେଉଛି।

■ ୧୮ ବର୍ଷ ପରେ ବି କାମ ସରୁନି

# ଚାଷରେ ଲାଗୁନି ରାଜୁଆ ଜଳସେଚନ ପ୍ରକଳ୍ପ

**ଖୋର୍ଦ୍ଧା ଅଫିସ,୪।୩**

**ଅଧିକାରୀଙ୍କ ଅଣଦେଖା**

ଜମି ଅଧିଗ୍ରହଣରେ ବିଳମ୍ବ, ଠିକାଦାରଙ୍କ ମନମାନି, ଲୋକ ପ୍ରତିନିଧି ଓ ବିଭାଗୀୟ ଅଧିକାରୀଙ୍କ ଅଣଦେଖା କାରଣରୁ ରାଜୁଆ ଜଳସେଚନ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ହେଉ ନ ଥିବା ଅଭିଯୋଗ ହେଉଛି। ଲକ୍ଷାଧିକ ଟଙ୍କା ଖର୍ଚ୍ଚ ପରେ ବି ଚାଷୀ ଏଥିରୁ ଉପକୃତ ହୋଇପାରୁ ନାହାନ୍ତି। ରାଜୁଆର ବାମ ପାର୍ଶ୍ୱ କେନାଲ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଜମିରେ କିନ୍ତୁ ପାଣି ମାଡୁନାହିଁ। ଡାହାଣ ପାର୍ଶ୍ୱ ମୁଖ୍ୟ କେନାଲ ୯କି.ମି. ଖୋଳା ଶେଷ ହୋଇଛି। କିନ୍ତୁ ଆନୁଷଙ୍ଗିକ କାର୍ଯ୍ୟ ଜଳ ନିଷ୍କାସନ, ଗହୀରରୁ ଗ୍ରାମକୁ ଯାତାୟାତ ରାସ୍ତା ପାଇଁ କେନାଲ ଉପରେ ପୋଲ ନିର୍ମାଣ କାମ ମନ୍ଥର ଗତିରେ ଚାଲିଛି। ଷଢ଼େଇଗଡ, ନରଣଗଡ଼, ଗ୍ରାମେଶ୍ୱରପୁର, ଗଡ଼ସାନପୁଟ, ବ୍ରଜମୋହନପୁର ଗାଁରୁ ନର୍ଦ୍ଦମା, ବର୍ଷା ଓ ଝର ପାଣି ଗହୀରକୁ ପାସ କରିବାର ବ୍ୟବସ୍ଥା ଧିମେଇ ଧିମେଇ ଚାଲିଛି। ଜଳ ନିଷ୍କାସନ କାର୍ଯ୍ୟ ପାଇଁ ତ୍ୱରିତ ପଦକ୍ଷେପ ନାହିଁ। ଶାଖା କେନାଲରେ ଜଳ ଜମିକୁ ମାଡିବା ପାଇଁ ଏପର୍ଯ୍ୟନ୍ତ କେନାଲ ଖୋଳାଯାଇ ନାହିଁ। କେତେକ ସ୍ଥାନରେ ଜମି ଅଧିଗ୍ରହଣ ହୋଇଛି। ମାତ୍ର ଚାଷୀ ଟଙ୍କା ପାଇ ନାହାନ୍ତି। ବ୍ୟାରେଜରେ ସ୍ଲୁଇସ୍ ଗେଟ ଲାଗିଛି। କେନାଲ ନ ହେବାରୁ ପାଣି ଜମିରେ ମାଡୁନାହିଁ। ଷଢ଼େଇଗଡ, ନରଣଗଡ଼, ଗ୍ରାମେଶ୍ୱରପୁର, ଗଡସାନପୁଟ, ବ୍ରଜମୋହନପୁର ବର୍ଷାଜଳ ନଦୀରେ ପଡୁଥିଲା। ବର୍ତ୍ତମାନ କେନାଲ ବନ୍ଧ ପ୍ରତିବନ୍ଧକ ସାଜିଛି। ଉକ୍ତ ଜଳ କେନାଲକୁ ଯିବାକୁ ସରକାରୀ ନିୟମ ନାହିଁ। ହେଲେ ଏହାର ନିରାକରଣ ନାହିଁ।

ମିଳିଥିବା ତଥ୍ୟ ଅନୁଯାୟୀ, ବର୍ଷା ଋତୁରେ ଖୋର୍ଦ୍ଧା ଏବଂ ପୁରୀ ଜିଲାର କଣାସ ବ୍ଲକ ଅଞ୍ଚଳର ଚାଷୀଙ୍କ ଲାଗି ଦୟାର ଉପନଦୀ ରାଜୁଆ ନଦୀ ଦାଉ ସାଧୁଛି। ଏହି ନଦୀରେ ବନ୍ୟା ଆସିବା ଫଳରେ ଖୋର୍ଦ୍ଧା ଓ କଣାସ ବ୍ଲକ ଅଞ୍ଚଳର ହିରିମୂଳ, ଓରିମି, ଧବଳପୁର, ବଳପୁର, ଗଡସାନପୁଟ୍, ଗଡ଼ବଡ଼ପୁଟ, କୁରୁମପଡ଼ା, ନରଣଗଡ଼, ଷଢେଇଗଡ଼, ହାଡ଼ପଦା, ଡିହଖଳା, ଟିଗିରିଆ ଓ ହଳଦିଆପଡ଼ା ଆଦି ଅଞ୍ଚଳର ଶହ ଶହ ଏକର ଚାଷ ଜମି ବନ୍ୟାଜଳ ପ୍ଲାବିତ ହେଉଛି। ଫଳରେ ବର୍ଷା ଋତୁରେ ସ୍ଥାନୀୟ ଅଞ୍ଚଳର ଚାଷୀଙ୍କ ପାଇଁ ଖରିଫ୍ ଫସଲ ସ୍ୱପ୍ନ ପାଲଟିଛି। ପୁଣି ଦୟା, ମକରା, ରାଜୁଆ ଏବଂ ମନ୍ଦାକିନୀ ନଦୀର ଉଦବୃତ୍ତ ବନ୍ୟାଜଳ ଏସବୁ ଅଞ୍ଚଳର ଫସଲ ଧୋଇ ନେଉଛି। ଏହି ଅଞ୍ଚଳର ଚାଷୀ ଖରିଫ ଚାଷରେ ଭରସା ନ କରି ରବି ଫସଲ ଉପରେ ଭରସା କରୁଛି। ଜଳସେଚନର ସୁବିଧା ନ ଥିବାରୁ ରବି ଫସଲ କରିବା କଷ୍ଟକର ହୋଇପଡୁଛି। ବନ୍ୟାଜଳକୁ ଠିକ୍ ଭାବେ ନିଷ୍କାସନ ଏବଂ କେନାଲ ସହାୟତାରେ ରବି ଫସଲକୁ ଜଳସେଚନ କରିବା ଲକ୍ଷ୍ୟରେ ଗତ ୧୬ବର୍ଷ ତଳେ ରାଜ୍ୟ ସରକାର ପରିକଳ୍ପନା କରିଥିଲେ ରାଜୁଆ ଜଳସେଚନ ପ୍ରକଳ୍ପ। ୮୮ଷ୍ଟେଟ ଟେକନିକାଲ ଆଡଭାଇଜର କମିଟି ୧୯୯୯ ଜୁନ ୧୭ରେ ଏଥିପାଇଁ ୧୪.୮୭ କୋଟି ଟଙ୍କା ମଞ୍ଜୁର କରିଥିଲେ। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ରବି ଋତୁରେ କଣାସ ବ୍ଲକ ଅଞ୍ଚଳର ୧,୨୬୫ହେକ୍ଟର ଏବଂ ଖୋର୍ଦ୍ଧା ବ୍ଲକ ଅଞ୍ଚଳର ୧,୩୩୫ହେକ୍ଟର ଏପରି ମୋଟରେ ୨,୬୬୬ହେକ୍ଟର ଚାଷ ଜମି ଜଳସେଚିତ ହୋଇପାରିବ। ଖୋର୍ଦ୍ଧା ଜିଲାର ୧୭ଟି ଗାଁ ଓ ପୁରୀ ଜିଲାର ୨୪ଟି ଗାଁର ମୋଟ୍ ୪୧ଟି ଗ୍ରାମର ଚାଷୀ ଉପକୃତ ହେବେ। ଏହି ପ୍ରକଳ୍ପକୁ କାର୍ଯ୍ୟକାରୀ କରାଇ ଅନୁଦାନ ଯୋଗାଇ ଦେବାକୁ ରାଜ୍ୟ ସରକାର ନାବାର୍ଡକୁ ପ୍ରସ୍ତାବ ଦେଇଥିଲେ। ୨୦୦୧ ଏପ୍ରିଲ ୨୬ରେ ନାବାର୍ଡ ପକ୍ଷରୁ ଉକ୍ତ ପ୍ରସ୍ତାବକୁ ମଞ୍ଜୁରୀ ମିଳିଥିଲା। ପ୍ରକଳ୍ପର ଅଟକଳ ୧୪ କୋଟି ୩୦ଲକ୍ଷ ୯୮ହଜାର ଟଙ୍କା ଥିଲା। ପରେ ପୁଣି ଅନେକ ଅନୁଦାନ ଆସିଲାଣି। ଏ ସମ୍ପର୍କରେ ଗଡସାନପୁଟ ଗାଁର ଚାଷୀ ଚିତ୍ରସେନ ମଙ୍ଗରାଜ, ଷଢ଼େଇଗଡର ଚାଷୀ ଯୁଧିଷ୍ଠିର ଯୁଝାରସିଂ କୁହନ୍ତି, ଚାଷୀ ବର୍ଷେ ନୁହେଁ କି ୨ବର୍ଷ ନୁହେଁ ୧୮ ବର୍ଷ ଧରି ଚାତକ ପକ୍ଷୀ ପରି ଅନାଇ ରହିଛି। ହେଲେ ରାଜୁଆ ଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇପାରୁ ନାହିଁ। ଏ ଭିତରେ ପ୍ରକଳ୍ପର କିଛି ସାମଗ୍ରୀ ବି କଳଙ୍କି ଧରିଲାଣି। କାର୍ଯ୍ୟରେ ତ୍ୱରାନ୍ୱିତ ଆଣି ପ୍ରକଳ୍ପର କାର୍ଯ୍ୟ ଶୀଘ୍ର କରିବା ପାଇଁ ଦାବି କରିଛନ୍ତି।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଅନ୍ୟକୁ ପ୍ରଶଂସା କରିବାକୁ ହେଲେ କେତେ ପଦ କଥା ଖର୍ଚ୍ଚ ହୁଏ, କିନ୍ତୁ ଅନ୍ୟର କୁତ୍ସାରଟନା କରିବାକୁ ହେଲେ କେବଳ ନୀରବତା ହିଁ ଲୋଡ଼ା। -ଟିଲଟ୍‌ସନ



## ସଂକ୍ଷେପରେ

### ଜଳିଗଲା ଘର, ଗୋଦାମ



**ସାଲେପୁର,୪।୩(ଡି.ଏନ.ଏ.):** ସାଲେପୁର ଥାନା ଚନ୍ଦ୍ରାଦେଇପୁର ପଞ୍ଚାୟତ ଲୁଣାହାର ଗ୍ରାମରେ ଥିବା ସାଲେପୁର ହାଟ ନିକଟରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ତରୁଲତା କର ଓ ଅନ୍ନପୂର୍ଣ୍ଣା କରଙ୍କ ଘର ଭଡା ନେଇ ରହୁଥିବା ଶ୍ୟାମସୁନ୍ଦର ସାହୁ, ନାରାୟଣ ସାହୁ ଏବଂ ରମେଶ ଚନ୍ଦ୍ର ରାଉତଙ୍କ ଘର ସମେତ ସେଠାରେ ଥିବା ଗୋଦାମ ଜଳିଯାଇଛି। ତରୁଲତା ଓ ଅନ୍ନପୂର୍ଣ୍ଣାଙ୍କ ଘର ସମ୍ପୂର୍ଣ୍ଣ ଭସ୍ମ ହୋଇଯାଇଥିବାବେଳେ ଉକ୍ତ ଗୃହପାର୍ଶ୍ୱକୁ ଲାଗି ଅନ୍ୟଗୃହରେ ବ୍ୟବସାୟ କରୁଥିବା ଶ୍ୟାମସୁନ୍ଦରଙ୍କ ଗୁଡ଼ ଏବଂ ନାରାୟଣଙ୍କ ଅଦା ଓ ପିଆଜ ଆଦି ନଷ୍ଟ ହୋଇଯାଇଛି। ସେହିପରି ସେଠାରେ ଘରଭଡ଼ା ନେଇ ବ୍ୟବସାୟ କରୁଥିବା ରମେଶ ଚନ୍ଦ୍ର ରାଉତଙ୍କ ଆଳୁ ଏବଂ ପିଆଜ ଗୋଦାମ ଜଳି ଯାଇଥିଲା। ଖବର ପାଇ ସାଲେପୁର ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେତେବେଳକୁ ସବୁକିଛି ଜଳି ସାରିଥିଲା।

### ଜମି ସତ୍ୱକୁ କେନ୍ଦ୍ରକରି ଦୁଇ ଗୋଷ୍ଠୀ ହାତାହାତି

**ନିଶ୍ଚିନ୍ତକୋଇଲି,୪।୩(ସ୍ୱ.ପ୍ର.):** ନିଶ୍ଚିନ୍ତକୋଇଲି ଥାନା ଅଧୀନ କେଣ୍ଟାଲୋ ପଞ୍ଚାୟତର ଲେଙ୍କା ସାହିରେ ଏକ ବିବାଦୀୟ ଜମି ସତ୍ତ୍ୱକୁ କେନ୍ଦ୍ରକରି ରବିବାର ରାତିରେ ୨ ଗୋଷ୍ଠୀ ହାତାହାତି ହୋଇଛନ୍ତି। ଉଭୟ ଗୋଷ୍ଠୀ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗ ପାଇବାପରେ ଗୋଟିଏ ଗୋଷ୍ଠୀର ଜଣେ ଯୁବକଙ୍କୁ ଆଣି ଅଟକ ରଖିଛି। ଏ ନେଇ ଥାନାରେ ମାମଲା ରୁଜୁ ହୋଇନାହିଁ। ଏହା ଘରୋଇ କଳି ହୋଇଥିବାରୁ ଆପୋଷ ସମାଧାନ ପାଇଁ ରହିଥିବା ଥାନା ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ୨ ଗୋଷ୍ଠୀଙ୍କ ଗଣ୍ଡଗୋଳ ଯୋଗୁ ଗାଁରେ ଉତ୍ତେଜନା ଦେଖା ଦେଇଥିଲା। ଫଳରେ ଗ୍ରାମର କେତେଜଣ ଲୋକ ଥାନାକୁ ଖବର ଦେଇଥିଲା। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଜଣେ ଯୁବକଙ୍କୁ ଥାନାକୁ ଆଣିବା ପରେ ଉତ୍ତେଜନା ହ୍ରାସ ପାଇଥିଲା।

### ଶିବ ଜୟନ୍ତୀ ଉତ୍ସବ

**ବାଙ୍କୀ,୪।୩(ସ୍ୱ.ପ୍ର.):** ବାଙ୍କୀ କଚେରି ଛକସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଶିବ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥିଭାବେ ଅବସରପ୍ରାପ୍ତ ବାଙ୍କୀ ଉପଖଣ୍ଡ ଚିକିତ୍ସା ଅଧିକାରୀ ଡା. ପଦ୍ମଲୋଚନ ପଣ୍ଡା ଏବଂ ସାମାଜିକ କର୍ମୀ ଶରତ ଚନ୍ଦ୍ର ମହାପାତ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ ସେବା କେନ୍ଦ୍ର ପ୍ରାଙ୍ଗଣରେ ପରମପିତା ପରମାତ୍ମାଙ୍କ ଶିବଧ୍ୱଜା ଉତ୍ତୋଳନ କରିଥିଲେ। ସେବାକେନ୍ଦ୍ର ମୁଖ୍ୟ ସଂଚାଳିକା ଗୌରୀ ଭଉଣୀ ଏବଂ ସମସ୍ତ ବ୍ରହ୍ମାକୁମାରୀକୁମାର, ବିଦ୍ୟାର୍ଥୀ ଉପସ୍ଥିତ ଥିଲେ। ବ୍ରହ୍ମାକୁମାରୀ ଗୌରୀଭଉଣୀ ସମସ୍ତଙ୍କୁ ୮୩ତମ ଶିବଜୟନ୍ତୀର ଅଭିନନ୍ଦନ ଜଣାଇ ସାତଟି କଥା ପ୍ରତିଜ୍ଞା କରାଇଥିଲେ। ସହସଂଚାଳିକା ବ୍ରହ୍ମାକୁମାରୀ ବନିତା ଭଉଣୀ, ସ୍ନେହଲତା, ପ୍ରଭାତୀ ଭଉଣୀ, ପ୍ରଫୁଲ୍ଲ ଭାଇ, ସୂର୍ଯ୍ୟମଣି ଭାଇ, ଶରତ ବେହେରା, ଶରତ ପ୍ରଧାନ, କାଳନ୍ଦୀ ନାୟକ, ପ୍ରଭାକର ସ୍ୱାଇଁ, ବିଚିତ୍ରା ନନ୍ଦ ରାଉତ, ନାରାୟଣ ବାହିନୀ ପତି, କିଶୋର ଚନ୍ଦ୍ର ମିଶ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ରେଙ୍ଗାଳି ଦକ୍ଷିଣ କେନାଲ ଖନନ ପାଇଁ ଭିତ୍ତିପ୍ରସ୍ତର



**ଆଠଗଡ଼,୪।୩(ସ୍ୱ.ପ୍ର.):** ଆଠଗଡ଼ ଅଞ୍ଚଳରେ ରେଙ୍ଗାଳି ଦକ୍ଷିଣ କେନାଲ ଖନନ କାର୍ଯ୍ୟ ଆରମ୍ଭ ହୋଇଛି। ଆଠଗଡ଼ ଅଞ୍ଚଳ ପର୍ଯ୍ୟନ୍ତ ଖୋଲା ଯାଇଥିବା କେନାଲ ସମ୍ପ୍ରସାରଣ ପାଇଁ ସୋମବାର ସ୍ଥାନୀୟ ନୂଆ ବଜାରଠାରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ରେଙ୍ଗାଳି କେନାଲର ବରିଷ୍ଠ ପ୍ରଶାସକ ପଦ୍ମନାଭ ପଣ୍ଡା, ସହକାରୀ ନିର୍ବାହୀ ଯନ୍ତ୍ରୀ ନରେଶ ଚନ୍ଦ୍ର କର, କଟକ ଜିଲା ପରିଷଦ ଉପାଧକ୍ଷ ସୁନୀଲ ପରିଡ଼ାଙ୍କ ସମେତ ସ୍ଥାନୀୟ ସରପଞ୍ଚ ଓ ଜନସାଧାରଣ ଉପସ୍ଥିତ ଥିଲେ।

## ■ ଆର୍‌ଡି ଅଫିସ ପରିସରରୁ ବେଆଇନ ଗଛକଟା

# କାହା ପାଖରେ ଖବର ନାହିଁ

**ନିଶ୍ଚିନ୍ତକୋଇଲି,୪।୩(ସ୍ୱ.ପ୍ର.)**



ଆର୍‌ଡି ଅଫିସ ପରିସରରୁ ବେଆଇନ ଗଛକଟା ଚାଲିଛି।

**■ସରକାରୀ ଆଇନର ଖୋଲା ଉଲ୍ଲଂଘନ**

**■ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି**

ଦ୍ରୁତ ଶିଳ୍ପାୟନ ସାଙ୍ଗକୁ ଗାଡ଼ିମଟର ସଂଖ୍ୟା ବୃଦ୍ଧି ପାଇବାରୁ ଦିନକୁ ଦିନ ପରିବେଶ ପ୍ରଦୂଷଣ ବଢ଼ିବାରେ ଲାଗିଛି। ଏପରି କି ଓଜନସ୍ତର ମଧ୍ୟ ପ୍ରଭାବିତ ହେଉଛି। ଏହାକୁ ଦୃଷ୍ଟିରେ ରଖି ସରକାର ପରିବେଶ ସୁରକ୍ଷା ନିମନ୍ତେ ଚାରାରୋପଣ ଉପରେ ଗୁରୁତ୍ୱ ଦେଇ ସବୁଜ ବିପ୍ଳବ ପାଇଁ କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି। ସେହିପରି ଗଛ କାଟିବାକୁ ନେଇ କଡ଼ାକଡ଼ି ଆଇନ ଲାଗୁ କରାଯାଇଛି। କିନ୍ତୁ ଦୁଃଖ ଓ ପରିତାପର ବିଷୟ ସରକାରୀ ଆଇନକୁ ଖୋଲାଖୋଲି ଉଲ୍ଲଙ୍ଘନ କରି ସରକାରୀ ଅଫିସ ପରିସରରେ ଥିବା ଗଛକୁ ବେଆଇନଭାବେ କାଟି ନିଆଯାଉଛି। ଏଭଳି ଦୃଶ୍ୟ ନିଶ୍ଚିନ୍ତକୋଇଲି ବ୍ଲକ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପରିସରରେ ରବିବାର ଦେଖିବାକୁ ମିଳିଛି। ହେଲେ ଏହି ଗଛକଟା ସମ୍ପର୍କରେ କାହା ପାଖରେ ଖବର ନ ଥିବା ଜଣାପଡ଼ିଛି।

ଏହି କାର୍ଯ୍ୟାଳୟ ପରିସରରେ ସରକାରଙ୍କ ତରଫରୁ ବହୁ ବର୍ଷ ତଳେ ଚାରାରୋପଣ କରାଯାଇଥିଲା। ଚାରାଗୁଡ଼ିକ ବଡ଼ ବଡ଼ ହୋଇ ଯାଇଥିଲା। ସ୍ପଷ୍ଟ ଦିବାଲୋକରେ କେତେଜଣ ସରକାରୀ କର୍ମଚାରୀ ଓ ଠିକାଦାର ଶ୍ରମିକ ଲଗାଇ ମୂଲ୍ୟବାନ ଗଛଗୁଡ଼ିକୁ କାଟି ନେଇଥିଲେ। ଏ ସମ୍ପର୍କରେ ନିଶ୍ଚିନ୍ତକୋଇଲି ସମିତିସଭ୍ୟ ଭରତଚନ୍ଦ୍ର ଦାସ ବିଭାଗୀୟ ଅଧିକାରୀଙ୍କୁ ପଚାରିବାରୁ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ପାରି ନ ଥିଲେ। ତେବେ କାହା ସ୍ୱାର୍ଥରେ ଏହି ଗଛ କଟାଗଲା ତା'କୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରଶାସନ ପକ୍ଷରୁ ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହୋଇଛି। ଘଟଣା ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ସତ୍ୟଜିତ୍ ଦଳାଇ କହିଛନ୍ତି, ରବିବାର ଛୁଟିଥିବାରୁ ଗଛକଟା ସମ୍ପର୍କରେ ମୁଁ ଅବଗତ ହୋଇନାହିଁ। ଅଫିସ ଖୋଲିଲେ ଏହାର ତଦନ୍ତ କରାଯିବ। ଏବେ ଦେଖିବାକୁ ଅପେକ୍ଷା ଆଗକୁ କି ପ୍ରକାର ତଦନ୍ତ ହେଉଛି ଏବଂ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି।

## ■ ଯଜ୍ଞ ମଣ୍ଡପରେ ଅଘଟଣ

# ବିଦ୍ୟୁତ୍ ଆଘାତରେ ଯୁବକ ମୃତ, ୫ ଆହତ

**ଆଠଗଡ଼୪।୩(ସ୍ୱ.ପ୍ର.)**

ସୋମବାର ଜାଗର ଯାତ୍ରା ପାଇଁ ଶିବ ମନ୍ଦିରରେ ଯଜ୍ଞ ଅନୁଷ୍ଠିତ ହେଉଥିଲାବେଳେ ଏକ ଅଘଟଣ ଘଟିଛି। ହଠାତ୍ ବର୍ଷା ଆସିବାରୁ ଯଜ୍ଞ ମଣ୍ଡପ ନିକଟରେ ଥିବା ଷ୍ଟିଲ ରେଲିଂ ବିଦ୍ୟୁତ୍ ତାର ଲାଗି ଚାର୍ଜ ହୋଇ ଯାଇଥିଲା। ଏହି ଷ୍ଟିଲ ରେଲିଂରେ ଲାଗିଯିବାରୁ ଜେଣ ଯୁବକଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୫ଜଣ ଆହତ ହୋଇଛନ୍ତି। ଏହି ଘଟଣା ଆଠଗଡ଼ ନିକଟ ବାଙ୍କୀ ଥାନା ଅଧୀନ ରାମଚନ୍ଦ୍ରପୁର ଶିବ ମନ୍ଦିରରେ ଘଟିଛି। ମୃତକ ହେଲେ ଗ୍ରାମର ଶରତ ବେହେରାଙ୍କ ପୁଅ ସୁଧୀର ବେହେରା(୩୦)। ଆହତଙ୍କ ପରିଚୟ ମିଳି ପାରିନାହିଁ।

ସୂଚନା ଅନୁସାରେ, ଯଜ୍ଞ ମଣ୍ଡପରେ ଲଗା ଯାଇଥିବା ବିଦ୍ୟୁତ୍ ଆଲୋକର ତାର ଯଜ୍ଞ ମଣ୍ଡପ ସନ୍ନିକଟ ଷ୍ଟିଲ ରେଲିଂରେ ଗୁଡ଼ା ଯାଇଥିଲା। ତାର କଣା ଥିବାରୁ ରେଲିଂ ଚାର୍ଜ ହୋଇ ଯାଇଥିଲା। ବର୍ଷାବେଳେ ସମସ୍ତେ ରେଲିଂ ଆଡ଼କୁ ଆସିବାରୁ ସେମାନଙ୍କ ମଧ୍ୟରୁ ୫ଜଣ ଆହତ ହୋଇଥିଲେ। ଏହି ସମୟରେ ସୁଧୀର ରେଲିଂ ଉପରେ ପଡ଼ି ଯାଇଥିଲେ। ବିଦ୍ୟୁତ୍ ଆଘାତ ଲାଗିବାରୁ ସେ ସେଠାରେ ଛଟପଟ ହୋଇଥିଲେ। ଏହାଦେଖି ଲୋକେ ବିଦ୍ୟୁତ୍ ସଂଯୋଗ କାଟି ତାଙ୍କୁ ଉଦ୍ଧାର କରିଥିଲେ। ସଂଜ୍ଞାହୀନ ହୋଇ ପଡ଼ିଥିବାରୁ ତାଙ୍କୁ ଆଠଗଡ଼ ଉପଖଣ୍ଡ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ବିଜେଡିର ମିଶ୍ରଣ ପର୍ବ



ମିଶ୍ରଣ ପର୍ବରେ ଉପସ୍ଥିତ ମନ୍ତ୍ରୀ ପ୍ରତାପ ଜେନା ଓ କର୍ମୀ।

**ନିଶ୍ଚିନ୍ତକୋଇଲି,୪।୩(ସ୍ୱ.ପ୍ର.)**

ନିଶ୍ଚିନ୍ତକୋଇଲି ବ୍ଲକ ବିଜେଡି ପକ୍ଷରୁ ବୁହାଲୋ ପଞ୍ଚାୟତରେ ଶନିବାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ପର୍ବରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ଉପରେ ଆଲୋକପାତ କରିଥିଲେ। ମାହାଙ୍ଗା ବିଜେଡି ପର୍ଯ୍ୟବେକ୍ଷକ ବିବେକାନନ୍ଦ ସାମନ୍ତରାୟ, ବ୍ଲକ ଅଧକ୍ଷା ସବିତା ଓଝା, ଜିଲାପରିଷଦ ସଭ୍ୟା ସବିତା ସାମଲ, ଯୁବନେତା ଅଶୋକ ଓଝା ପ୍ରମୁଖ ଯୋଗଦେଇ ଦଳୀୟ ସଂଗଠନକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ କଂଗ୍ରେସ ଓ ଭାଜପାର ଶତାଧିକ କର୍ମୀ ଦଳ ଛାଡ଼ି ବିଜେଡିରେ ସାମିଲ ହୋଇଥିଲେ। ସେମାନଙ୍କ ମଧ୍ୟରେ ୱାର୍ଡସଭ୍ୟ କାଙ୍ଗାଳି ମହାନ୍ତି, ରବୀନ୍ଦ୍ର ସାହୁ, ଅନନ୍ତ ବେହେରା, କିଶୋର ସାମନ୍ତରାୟ, ବଂଶୀଧର ମହାନ୍ତି, ଗଣେଶ୍ୱର ଦାସ, ଜୟନ୍ତ ସ୍ୱାଇଁ, ଭ୍ରମରବର ମହାନ୍ତି ଓ ନିରଞ୍ଜନ ଲେଙ୍କା ପ୍ରମୁଖ ରହିଛନ୍ତି।

## ବାଙ୍କୀ କଲେଜ ରସାୟନ ବିଭାଗର ଆଲୋଚନାଚକ୍ର




ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି।

**ବାଙ୍କୀ,୪।୩(ସ୍ୱ.ପ୍ର.)**

ବାଙ୍କୀ କଲେଜ ରସାୟନ ବିଭାଗ ଆନୁକୂଲ୍ୟରେ ଅଲ୍ଟ୍ରାଭାଓଲେଟ୍ ଓ ଆୟୋନିକ୍ ରେଡିଏଶନ୍ ସମ୍ପର୍କରେ ପୁରାତନ ଛାତ୍ରୀଛାତ୍ରଙ୍କ ଏକ ଆଲୋଚନାଚକ୍ର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥିଭାବେ କଲେଜ ପୁରାତନ ଛାତ୍ର ତଥା ପ୍ରାଧ୍ୟାପକ ରବୀନ୍ଦ୍ର ମଲ୍ଲିକ, ମୁଖ୍ୟବକ୍ତା ଡ. ସନ୍ତୋଷ କୁମାର ସାମଲ ଯୋଗଦାନ କରି ଅଲ୍ଟ୍ରାଭାଓଲେଟ୍ ଓ ଆୟୋନିକ୍ ରେଡିଏଶନ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ବିଭାଗୀୟ ମୁଖ୍ୟ ଡ. ନିବାସିନୀ ପଣ୍ଡା ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ପରିଚାଳନା କମିଟି ସଦସ୍ୟ ତଥା ପୁରାତନ ଛାତ୍ର ସମରେନ୍ଦ୍ର ମହାପାତ୍ର ଯୋଗଦେଇ ପୁରାତନ ଛାତ୍ରମାନେ କଲେଜ ପ୍ରଗତିରେ ସହାୟକ ହେବା ପାଇଁ ପରାମର୍ଶ ଦେଇଥିଲେ। ଡ. ସ୍ନେହଲତା ମହାପାତ୍ର, ଭୂପତି ଭୂଷଣ ପ୍ରଧାନ, ପଦାରବିନ୍ଦ ମହାନ୍ତି ଓ ସେମିନାର ସମ୍ପାଦକ ସୁଶୀଲ ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡେମନଷ୍ଟ୍ରେଟର କିଶୋର ଚନ୍ଦ୍ର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ଗଛ ଡାଳ ପଡ଼ି ଦୋକାନ ଭାଙ୍ଗିଲା, ବର୍ତ୍ତିଲେ ପଥଚାରୀ

**ବାଙ୍କୀ,୪।୩(ସ୍ୱ.ପ୍ର.)**

ସୋମବାର ଅପରାହ୍ନରେ ବାଙ୍କୀ–କଟକ ମୁଖ୍ୟ ରାସ୍ତାର କେନ୍ଦ୍ର ସମବାୟ ବ୍ୟାଙ୍କ ସାମ୍ନାରେ ଥିବା ଏକ ବଡ଼ ଗଛର ଡାଳ ଭାଙ୍ଗି ପଡ଼ିଥିଲା। ଯଦ୍ଦ୍ୱାରା ସେଠାରେ ଥିବା ଏକ ଦୋକାନ ସମ୍ପୂର୍ଣ୍ଣ ଭାଙ୍ଗିବା ସହ ଗଛ ଡ଼ାଳ ମୁଖ୍ୟ ରାସ୍ତା ଉପରେ ପଡ଼ିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଦୋକାନୀ ମାଲିକ ଘରକୁ ଯାଇଥିବାରୁ ସେ ଏହି ଦୁର୍ଘଟଣରୁ ବର୍ତ୍ତି ଯାଇଥିଲେ। ଡାଳ ପଡ଼ିବା ସମୟରେ କଟକରୁ ବାଙ୍କୀକୁ ଆସୁଥିବା ଏକ ଯାତ୍ରୀବାହୀ ବସ ବ୍ରେକ୍ ମାରି ହଠାତ୍ ଅଟକି ଯାଇଥିଲା। ଫଳରେ ବସ୍‌ରେ ଥିବା ଯାତ୍ରୀ ଏବଂ ରାସ୍ତାରେ ଯାତାୟାତ କରୁଥିବା ବ୍ୟକ୍ତି ବିଶେଷ ଦୁର୍ଘଟଣାରୁ ବର୍ତ୍ତି ଯାଇଥିଲେ।

## ପ୍ରଧାନମନ୍ତ୍ରୀ ଜନଔଷଧି କେନ୍ଦ୍ର ଉଦ୍‌ଘାଟିତ

**ସାଲେପୁର,୪।୩(ଡି.ଏନ.ଏ.)**

କଟକ–ଚାନ୍ଦବାଲି ରାସ୍ତାର ସାଲେପୁର ବଜାର ନିକଟସ୍ଥ ମାଛୁଆଟିଠାରେ ସୋମବାର ପ୍ରଧାନମନ୍ତ୍ରୀ ଭାରତୀୟ ଜନଔଷଧୀ କେନ୍ଦ୍ର ଉଦ୍‌ଘାଟିତ ହୋଇଛି। କେନ୍ଦ୍ର ମୁଖ୍ୟ ପରିଚାଳକ ଦେବବ୍ରତ ବେହୁରିଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିପିପିଆଇ ରାଜ୍ୟମୁଖ୍ୟ ଓମ୍ ପ୍ରକାଶ ବର୍ମା ମୁଖ୍ୟ ଅତିଥିଭାବେ ଯୋଗଦେଇ ଉକ୍ତ କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ନ୍ୟୁଲାଇଫ୍‌ର ମ୍ୟାନେଜିଂ ଡାଇରେକ୍ଟର କ୍ଷୀତିଶ ଚନ୍ଦ୍ର ପାତ୍ର, ବାଲିସାହି ସମିତିସଭ୍ୟ ବିଭୂତି ଭୂଷଣ ଦାଶ ଓ ହିମାଂଶୁ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସତ୍ୟବ୍ରତ ବେହୁରିଆ ପରିଚାଳନା କରିଥିଲେ। ସତ୍ୟବ୍ରତ ସ୍ୱାଇଁ, ହେମନ୍ତ ସ୍ୱାଇଁ, ସଞ୍ଜିତ୍ ବିଶ୍ୱାଳ, ପଦ୍ମଲୋଚନ ରାଉତ ଓ ଦେବବ୍ରତ ରାଉତ ପ୍ରମୁଖ ସହଯୋଗ କରିଥିଲେ।

## ଅଷ୍ଟପ୍ରହର ନାମଯଜ୍ଞ

**ଆଠଗଡ଼,୪।୩(ସ୍ୱ.ପ୍ର.)**

ଶିବରାତ୍ରି ଉପଲକ୍ଷେ ଆଠଗଡ଼ ଥାନା ବେଷ୍ଟପଦାସ୍ଥିତ ବାଲୁଙ୍କେଶ୍ୱର ମହାଦେବଙ୍କ ପୀଠରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଛି। ରବିବାର ମଧ୍ୟାହ୍ନରେ ଶୁଭ ଅଧିବାସ, କଳସ ଯାତ୍ରା, ମଙ୍ଗଳା ରୋପଣ କରାଯିବାପରେ ସୋମବାର ପ୍ରତ୍ୟୁଷରୁ ସଙ୍କୀର୍ତ୍ତନ ଆରମ୍ଭ ହୋଇଥିଲା। ରାଜ୍ୟର ବିଭିନ୍ନ ସ୍ଥାନରୁ ୧୨ ମଣ୍ଡଳ ସଙ୍କୀର୍ତ୍ତନ ଦଳ ଯୋଗଦେଇ ଅହୋରାତ୍ର ନାମଯଜ୍ଞ କରିଥିଲେ।

## ଭାଜପା, ବିଜେଡି କର୍ମୀଙ୍କ କଂଗ୍ରେସରେ ଯୋଗଦାନ

**ବାଙ୍କୀ,୪।୩(ସ୍ୱ.ପ୍ର.)**

ବାଙ୍କୀ ବ୍ଲକ ଅଧୀନ କଦଳୀବାଡ଼ି ଗ୍ରାମର ଶତାଧିକ ଭାଜପା ଓ ବିଜେଡି କର୍ମୀ ଦଳ ପରିତ୍ୟାଗ କରି ରବିବାର କଂଗ୍ରେସରେ ଯୋଗଦାନ କରିଛନ୍ତି। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ଆସ୍ଥା ପ୍ରକଟ ଓ ବାଙ୍କୀର ପୂର୍ବତନ ବିଧାୟକ ଡ.ଦେବାଶିଷ ପଟ୍ଟନାୟକଙ୍କ ଉପରେ ବିଶ୍ୱାସ ରଖି ସେମାନେ କଂଗ୍ରେସରେ ସାମିଲ ହୋଇଥିବା କହିଛନ୍ତି। କଦଳୀବାଡ଼ି ପଞ୍ଚାୟତର ଫକୀର ମୋହନ ସେଠୀ ଓ ତପନ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ଶତାଧିକ କର୍ମୀ ଭୁବନେଶ୍ୱରସ୍ଥିତ ବାସଭବନରେ ଡ. ପଟ୍ଟନାୟକଙ୍କୁ ଭେଟି କଂଗ୍ରେସରେ ସାମିଲ ହୋଇଥିଲେ। କଂଗ୍ରେସ ପକ୍ଷରୁ ସେମାନଙ୍କୁ ସ୍ୱାଗତ କରାଯିବା ସହ ବାଙ୍କୀର ଉନ୍ନତି ପାଇଁ କଂଗ୍ରେସ ବଧପରିକର ଥିବା ଡ.ପଟ୍ଟନାୟକ ପ୍ରତିଶ୍ରୁତି ଦେଇଥିଲେ। ଦିବାକର ଖଟୁଆ, ପ୍ରମୋଦ ଖଟୁଆ, ଦେବରାଜ ବେହେରା, ଗୋବିନ୍ଦ ବେହେରା, ପ୍ରତାପ ଚନ୍ଦ୍ର ସାହୁ, ତ୍ରିନାଥ ଜେନା, ପଞ୍ଚାନନ ସ୍ୱାଇଁ, ବିଷ୍ଣୁଚରଣ ନାୟକ, ଦିବାକର ନାୟକ, ନବକିଶୋର ଖଟୁଆ, କାଳନ୍ଦୀ ବେହେରା, ଯୁଧିଷ୍ଠିର ବେହେରା ଓ ମାନସ ଜେନା ପ୍ରମୁଖ ଉପସ୍ଥିତ ରହି ଦଳରେ ସାମିଲ ହୋଇଥିଲେ।

## ■ ଶ୍ରଦ୍ଧା ଓ ଭକ୍ତିର ସହ ପାଳିତ ହେଲା ଜାଗର ଯାତ୍ରା

# ପୂଜା, ଉପବାସରେ କଟିଲା ଦିନ

**ବାଙ୍କୀ,୪।୩(ସ୍ୱ.ପ୍ର.)**

ଦେବଦେବ ମହାଦେବଙ୍କ ଜାଗର ଯାତ୍ରା ସୋମବାର ଶ୍ରଦ୍ଧା ଓ ଭକ୍ତିର ସହ ପାଳିତ ହୋଇଛି। ବିଭିନ୍ନ ଶୈବପୀଠରେ ପ୍ରତ୍ୟୁଷରୁ ରାତି ପର୍ଯ୍ୟନ୍ତ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଶ୍ରଦ୍ଧାଳୁ ପୂଜା, ଉପବାସ କରିବା ସହ ଉଜାଗର ରହି ଜାଗର ଜାଳି ଦିନ କାଟିଥିଲେ। ବାଙ୍କୀ ଅଞ୍ଚଳରେ ଥିବା ବିଭିନ୍ନ ଶୈବ ପୀଠରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପ୍ରତ୍ୟୁଷରୁ ବାଙ୍କୀ ଅଧିଷ୍ଠାତ୍ରୀ ଦେବୀ ମା'ଚର୍ଚ୍ଚିକାଙ୍କ ପୀଠ ସମେତ ପ୍ରତ୍ୟେକ ଶିବ ମନ୍ଦିରରେ ଭିଡ଼ ଜମିଥିଲା। ପାଟପୁରର ସିଂହନାଥ ମନ୍ଦିର, ହରିରାଜପୁର ଚକାପଦାର ଅଖଣ୍ଡେଶ୍ୱର, ବାଆଁରାର ସୁବୁଦ୍ଧେଶ୍ୱର, ଡମପଡାର ଲୋକନାଥ, ଶିମିଳିପୁରର ସିଦ୍ଧେଶ୍ୱର, ଚର୍ଚ୍ଚିକାର ଐଶାନେଶ୍ୱର, ରଣପୁରର ଜଳେଶ୍ୱର, ବୈଦେଶ୍ୱରର ରାମନାଥ ବୈଦ୍ୟନାଥ ଓ ସିଂହନାଥ, ଚର୍ଚ୍ଚିକା ପୀଠସ୍ଥ ପଞ୍ଚଶିବ ମନ୍ଦିରରେ ଦିନ ତମାମ ଗହଳି ଲାଗି ରହିଥିଲା।

**ନିଶ୍ଚିନ୍ତକୋଇଲି,(ସ୍ୱ.ପ୍ର.):** ଜାଗର ପାଇଁ ନିଶ୍ଚିନ୍ତକୋଇଲି ଅଞ୍ଚଳର ବିଭିନ୍ନ ଶୈବ ପୀଠ ଉତ୍ସବ ମୁଖର ହୋଇଥିଲା। ସକାଳୁ ମହାଦୀପ ଉଠିଲା ପର୍ଯ୍ୟନ୍ତ ଭକ୍ତଙ୍କ ଭିଡ ଜମିଥିଲା। ନିଶ୍ଚନ୍ତକୋଇଲିର ବେଲେଶ୍ୱରୀ, ବଡ଼କ୍ଷୀର ଗ୍ରାମର କ୍ଷୀରେଶ୍ୱର, ଓଥକାର ଶିଦ୍ଧେଶ୍ୱର, ରଙ୍ଗମୁଣ୍ଡାଇର ଦୁର୍ଗାଶଙ୍କର, ବରାଦୋର ବେଲେଶ୍ୱରୀ, ପାଟପୁରର ଶଙ୍କରେଶ୍ୱର, କୋଲଣପୁର କଳଗ୍ନି ବାଲିଆପଦାର ଭୋଳେଶ୍ୱର, ମୁରଦାବାଦ୍‌ର ସ୍ୱପ୍ନେଶ୍ୱର, କଟରପଡାର ଆଖଣ୍ଡଳମଣୀ, ଗଉଡବିଶ୍‌ର ବାଲୁଙ୍କେଶ୍ୱର, ମଲ୍ଲୀପୁରର କପିଳମୁନୀ, ରାମେଶ୍ୱର, କୂଳବଡକ୍ଷୀରର ବିଶେଶ୍ୱର ଆଦି ମନ୍ଦିରରେ ଜାଗର ଉତ୍ସବ ଯଥାବିଧି ଅନୁଷ୍ଠିତ ହୋଇଛି।

**ଆଠଗଡ଼,(ସ୍ୱ.ପ୍ର.):** ଆଠଗଡ଼ ଅଞ୍ଚଳର ବିଭିନ୍ନ ଶୈବ ପୀଠରେ ଜାଗର ଯାତ୍ରା ଅନୁଷ୍ଠିତ ହୋଇଛି। ବ୍ରତ ରଖିଥିବା ଶ୍ରଦ୍ଧାଳୁ ପ୍ରଭୁଙ୍କ ଦର୍ଶନ କରିବା ସହ ଉଜାଗର ରହି ଜାଗର ଜାଳିଥିଲେ। ଆଠଗଡ ଟାଉନର କାଶୀବିଶ୍ୱନାଥ, ସ୍ୱପ୍ନେଶ୍ୱର, ବଡ଼ପୋଖରୀସ୍ଥିତ ବିଶ୍ୱନାଥ ଦେବ, ଶ୍ମଶାନ ମହାଦେବ, କଣ୍ଟୋଲ ସ୍ଥିତ ଭୁବନେଶ୍ୱର ଓ ନଡୁଆପଡା ଶିବ ମନ୍ଦିର ସମେତ ଗ୍ରାମାଞ୍ଚଳରେ ଥିବା ସମସ୍ତ ଶିବ ମନ୍ଦିରରେ ଶ୍ରଦ୍ଧାଳୁ ଦୀପଜାଳି ମାନସିକ ସମାପନ କରିଥିଲେ। ମଧ୍ୟରାତ୍ରିରେ ମହାଦୀପ ଦର୍ଶନ ପରେ ବ୍ରତ ଉଦ୍‌ଯାପନ କରି ବ୍ରତଧାରୀ ପ୍ରସାଦ ସେବନ କରିଥିଲେ।

**ମାହାଙ୍ଗା,(ସ୍ୱ.ପ୍ର.):** ମାହାଙ୍ଗାର ବିଭିନ୍ନ ଶୈବପୀଠରେ ଜାଗର ଯାତ୍ରା ଅନୁଷ୍ଠିତ ହୋଇଛି। ପଣସପୁରସ୍ଥିତ ଇଶାଣେଶ୍ୱର ମନ୍ଦିରରେ ମହାସମାରୋହରେ ଜାଗର ଅନୁଷ୍ଠିତ ହୋଇଥିଲା। ପ୍ରାୟ ୨୦ ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଚଷାଖଣ୍ଡସ୍ଥିତ ତ୍ରିବେଣୀଶ୍ୱର ମନ୍ଦିରରେ ହଜାର ହଜାର ଶ୍ରଦ୍ଧାଳୁ ଉପସ୍ଥିତ ରହି ପୂଜାର୍ଚ୍ଚନା କରିଥିଲେ। କୋଳିଅଠା ପଞ୍ଚାୟତସ୍ଥିତ କପିଳେଶ୍ୱର ହରିହର ପୀଠ, ଅଡମସ୍ଥିତ ଅମରେଶ୍ୱର, ଭଦ୍ରେଶ୍ୱରସ୍ଥିତ ଶ୍ରୀଶ୍ରୀ ବୀରଭଦ୍ରେଶ୍ୱରପୀଠ, ଶୁକ୍ଳେଶ୍ୱରସ୍ଥିତ ଭଗବତୀପୀଠ ମାଣିକେଶ୍ୱର, ପନ୍ଦରବାଟିଆସ୍ଥିତ ଆଖଣ୍ଡଳେମଣିଶ୍ୱର, ମଲ୍ଲୀପୁରାସ୍ଥିତ ଅମରନାଥ, ହଂସିଦିଆସ୍ଥିତ ଆଖଣ୍ଡଳମଣି ଓ ପଶୁଲୁଣ୍ଡା ଚନ୍ଦ୍ରଶେଖର ଆଦି ଶୈବପୀଠରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

**ନରସିଂହପୁର,(ଡି.ଏନ.ଏ.):** ନରସିଂହପୁର ଅଞ୍ଚଳର ପ୍ରସିଦ୍ଧ ଅଷ୍ଟଶମ୍ଭୁ ଓ ପୁରପଲ୍ଲୀ ଶୈବପୀଠରେ ଜାଗର ଯାତ୍ରା ପାଳିତ ହୋଇଛି। ନରସିଂହପୁର ଚମ୍ପେଶ୍ୱରର ଚମ୍ପାନାଥ, ଘୋରାଡିଆର ସ୍ୱପ୍ନେଶ୍ୱର, ବାସେଲିହତାର ଭୋଳାନାଥ, ପୁରୁଣାଗୋପାଳପୁରର ମୁକ୍ତାନାଥ, ମାଳିସାହିର ସୋମନାଥ, କୋକଳବାରେ ଗୁପ୍ତେଶ୍ୱର ଓ ଆଖଣ୍ଡଳମଣି ସମେତ ବିଭିନ୍ନ ପୀଠରେ ଶ୍ରଦ୍ଧାଳୁ ଉଜାଗର ରହି ଜାଗର ଜାଳିଥିଲେ।

**ସାଲେପୁର,(ଡି.ଏନ.ଏ.):** ସାଲେପୁର ବ୍ଲକ ଅଞ୍ଚଳର ବିଭିନ୍ନ ଶୈବପୀଠରେ ଜାଗର ଯାତ୍ରା ପାଳିତ ହୋଇଛି। ଅଞ୍ଚଳର ପ୍ରସିଦ୍ଧ ଶୈବପୀଠ ଚାଟେଶ୍ୱର ମହାଦେବଙ୍କ ପୀଠରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସାମଗମ ହୋଇଥିଲା। ସେହିପରି ଶିଶୁଆ ଧବଳେଶ୍ୱର ପୀଠରେ ଶ୍ରଦ୍ଧାଳୁ ଶିବପାର୍ବତୀଙ୍କୁ ପୂଜାର୍ଚ୍ଚନା କରିଥିଲେ। ରାମେଶ୍ୱରର ହନୁମଞ୍ଚେଶ୍ୱର, ବାଲିସାହିର ବିଶେଶ୍ୱର, ଗଙ୍ଗେଶ୍ୱର, କାଳାଗ୍ନୀ, ମୁକ୍ତେଶ୍ୱର, ସାଲେପୁର ସହରସ୍ଥିତ ଚନ୍ଦ୍ରଶେଖର ମନ୍ଦିର, ସୋମନାଥ, ଅନନ୍ତେଶ୍ୱର, ସ୍ୱପ୍ନେଶ୍ୱର, ଡିଙ୍ଗେଶ୍ୱର, ବାଲୁଙ୍କେଶ୍ୱର, ରାମେଶ୍ୱର, ବିପ୍ରେଶ୍ୱର ପ୍ରଭୃତି ଶୈବପୀଠରେ ହଜାର ହଜାର ଶ୍ରଦ୍ଧାଳୁ ପୂଜାର୍ଚ୍ଚନା କରିଥିଲେ। ରାତି ୧୦ଟାରୁ ୧୨ଟା ମଧ୍ୟରେ ବିଭିନ୍ନ ପୀଠରେ ମହାଦୀପ ଉଠିଥିଲା

**ନେମାଳ,(ଡି.ଏନ.ଏ.):** ନେମାଳ ଅଞ୍ଚଳରେ ଜାଗର ଯାତ୍ରା ପାଳିତ ହୋଇଛି। ସାନ୍ତପୁର ବକ୍ରେଶ୍ୱର ଶୈବପୀଠରେ ପ୍ରଭୁଙ୍କ ଦର୍ଶନ ପାଇଁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ତିନି ଦିନ ବ୍ୟାପୀ ଅନୁଷ୍ଠିତ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ହେବାସହ ମଧ୍ୟରାତ୍ରିରେ ମହାଦୀପ ଉଠିଥିଲା। ସେହିପରି ଦୀପାଞ୍ଚଳର ଲେଣ୍ଡୁରା ଭଗବାନପୁର ପ୍ରସିଦ୍ଧ ଅନନ୍ତେଶ୍ୱର, ସୁଦ୍ଧୁଖଣ୍ଡସ୍ଥିତ ସିଦ୍ଧେଶ୍ୱର ମହାଦେବ ମନ୍ଦିର, ଝାଡେଶ୍ୱରପୁରର ସରେଶ୍ୱର, ନେମାଳ ଧବଳେଶ୍ୱର, ବିଶ୍ୱେଶ୍ୱର ଆଦି ଶୈବପୀଠରେ ଜାଗର ଉତ୍ସବ ପାଳିତ ହୋଇଛି।



ବାଙ୍କୀରେ ଶିବଙ୍କୁ ପୂଜାର୍ଚ୍ଚନା କରାଯାଉଛି।





ଆଠଗଡ଼ ଓ ନରସିଂହପୁରରେ ରାତି ଉଜାଗର ରହି ଶ୍ରଦ୍ଧାଳୁମାନେ ମହାଦୀପ ଜାଳୁଛନ୍ତି।



❝ ଅନ୍ୟକୁ ପ୍ରଶଂସା କରିବାକୁ ହେଲେ କେତେ ପଦ କଥା ଖର୍ଚ୍ଚ ହୁଏ, କିନ୍ତୁ ଅନ୍ୟର କୁତ୍ସାରଟନା କରିବାକୁ ହେଲେ କେବଳ ନୀରବତା ହିଁ ଲୋଡ଼ା।
- ଟିଲଟ୍‌ସନ

## ସଂକ୍ଷେପରେ

### ମହାଶିବରାତ୍ରି: ବିଭିନ୍ନ ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼

**କଣ୍ଟାପଡା/ଚୌଦ୍ୱାର, ୪।୩(ଡି.ଏନ୍.ଏ.):** ମହାଶିବରାତ୍ରି ଅବସରରେ ସୋମବାର କଣ୍ଟାପଡା ବ୍ଲକର ବିଭିନ୍ନ ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗିଥିଲା। ବାଗଲପୁରର ଦକ୍ଷିଣେଶ୍ୱର, କଣ୍ଟାପଡାର ଗଡନାଥ, ଅଡଶପୁରର ସ୍ୱପ୍ନେଶ୍ୱର, ବରାହୀପୁରର ବରାହୀଶ୍ୱର, ଗୁପ୍ତମାଣିକାର ମୁକ୍ତେଶ୍ୱର, ଡିମିରିର ଭୋଗେଶ୍ୱର, ଗୁଣାଦୋଳର ତ୍ରୈଲେକେଶ୍ୱର, ଧାନମଣ୍ଡଳର ବିଶ୍ୱନାଥ, ତୁଣ୍ଡାର ଗଡନାଥ, ବଲଦାର ବଳେଶ୍ୱର, ସୁଦସାଇଲୋର ଶଙ୍କରେଶ୍ୱର, ସଳେଇର ଗ୍ରାମେଶ୍ୱର ମହାଦେବଙ୍କ ପୀଠରେ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରିଥିଲେ। ସେହିପରି ଉପରୋକ୍ତ ପୀଠଗୁଡିକରେ ମହାଦୀପ ଦର୍ଶନ ପାଇଁ ଶ୍ରଦ୍ଧାଳୁମାନଙ୍କ ଭିଡ଼ ଲାଗିଥିଲା। ଚୌଦ୍ୱାର ଅଞ୍ଚଳର ବିଭିନ୍ନ ଶୈବପୀଠରେ ମହାଶିବରାତ୍ରି ପାଳିତ ହୋଇଛି। ସ୍ଥାନୀୟ ଅଞ୍ଚଳର ଚାଟେଶ୍ୱର, ବଟେଶ୍ୱର, କପାଳେଶ୍ୱର, କେଦାରେଶ୍ୱର, ଝୋଟେଶ୍ୱର, ଆଗ୍ରାହାଟର ଉତ୍ତରେଶ୍ୱର, ମଣିନାଗେଶ୍ୱର, ବାଣୀପଦାସ୍ଥିତ ବାଲୁଙ୍କେଶ୍ୱର ମନ୍ଦିରରେ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରିବା ସହ ଜାଗର ଦୀପ ଜାଳିଥିଲେ। ଅଧିକାଂଶ ମନ୍ଦିରରେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ଆତ୍ମଜୀବନୀ 'ମନସ୍ୱୀ ମନୋଜ' ଉନ୍ମୋଚିତ

**କଟକ ଅଫିସ, ୪।୩:** ଉତ୍କଳ ସାହିତ୍ୟ ସମାଜର ସଦସ୍ୟ ତଥା ସାରସ୍ୱତ ସାଧକ ମନୋଜ ଦାସଙ୍କ ଆତ୍ମଜିବନୀ 'ମନସ୍ୱୀ ମନୋଜ' ସୋମବାର ଉତ୍କଳ ସାହିତ୍ୟ ସମାଜ କାର୍ଯ୍ୟାଳୟରେ ଉନ୍ମୋଚିତ ହୋଇଛି। ଫ୍ରେଣ୍ଡସ୍ ପବ୍ଲିଶର୍ସ ଦ୍ୱାରା ପ୍ରକାଶିତ ଏହି ଆତ୍ମଜୀବନୀର ଲେଖକ ଡ. ମଣୀନ୍ଦ୍ର କୁମାର ମେହେର। ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ବିଜୟାନନ୍ଦ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ଉନ୍ମୋଚକ ଭାବେ ପ୍ରଫେସର ଦାଶରଥି ଦାସ, ମୁଖ୍ୟଅତିଥି ଭାବେ ବିଶିଷ୍ଟ ସାରସ୍ୱତ ସାଧକ ଡ. ବିଭୂତି ପଟ୍ଟନାୟକ ଓ ସମ୍ମାନିତ ଅତିଥି ଭାବେ ପ୍ରଫେସର ବୈଷ୍ଣବ ଚରଣ ସାମଲ ଉପସ୍ଥିତ ଥିଲେ। ଏହି ଆତ୍ମଜୀବନୀ ମନୋଜ ଦାସଙ୍କ ପୂର୍ଣ୍ଣାଙ୍ଗ ଜୀବନୀ ହୋଇଥିବାରୁ ଏହା ସଂଗ୍ରହଣୀୟ ହୋଇ ରହିବ ବୋଲି ବକ୍ତାମାନେ ମତ ଦେଇଥିଲେ।

### ହୃଦ୍‌ଘାତରେ ସାମାଜିକ କର୍ମୀ ମୃତ

**ଟାଙ୍ଗୀ(କଟକ), ୪।୩(ଡି.ଏନ୍.ଏ.):** ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ଚିନ୍ତାମଣିପୁର ଗ୍ରାମର ଦିଲୀପ ସାମଲ(୩୦)ଙ୍କ ହୃଦ୍‌ଘାତରେ ସୋମବାର ମୃତ୍ୟୁ ଘଟିଛି। ରବିବାର ରାତିରେ ସେ ଏକ ବିବାହ ଭୋଜିରେ ଯୋଗଦେଇ ଘରକୁ ଫେରିଥିଲେ। ଭୋରୁ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ଫଳରେ ଚିକିତ୍ସା ଲାଗି ତାଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ଜଣାପଡିବା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ସେ ଜଣେ ମେଳାପି, ପରୋପକାରୀ, ବିଶ୍ୱସ୍ତ ତଥା ସାମାଜିକ କର୍ମୀ ଭାବେ ଜଣାଶୁଣା ଥିଲେ।

### କଂଗ୍ରେସ ନେତା ଚିତ୍ତରଞ୍ଜନ ମହାନ୍ତିଙ୍କ ପରଲୋକ

**କଟକ ଅଫିସ, ୪।୩:** କଂଗ୍ରେସ ନେତା ଚିତ୍ତରଞ୍ଜନ ମହାନ୍ତି(୫୨)ଙ୍କ ରବିବାର ହୃଦ୍‌ଘାତରେ ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। ଅରବିନ୍ଦନଗର ମଧୁପାଟଣାର ବାସିନ୍ଦା ଚିତ୍ତରଞ୍ଜନ କଟକ ଜିଲା କଂଗ୍ରେସର ସାଧାରଣ ସମ୍ପାଦକ ଓ ପରେ ଉପସଭାପତି ଭାବେ ଦକ୍ଷତାର ସହ ଦାୟିତ୍ୱ ନିର୍ବାହ କରିଥିଲେ। ଜନସେବାରେ ବ୍ରତୀ ହୋଇ ସେ ଅବିବାହିତ ଥିଲେ। ଓଡ଼ିଆ ପ୍ରାମାଣିକ ଚଳଚ୍ଚିତ୍ରର ପ୍ରଯୋଜକ ଭାବେ କାର୍ଯ୍ୟ କରିବା ସହ ସେ ଇନଷ୍ଟିଚ୍ୟୁଟ ଅଫ ମିଡିଆ ଷ୍ଟଡିଜର ପ୍ରତିଷ୍ଠାତା ସଦସ୍ୟ ଥିଲେ। ଜଣେ ଅମାୟିକ ବନ୍ଧୁବତ୍ସଳ ବ୍ୟକ୍ତି ଭାବେ ସେ ସମସ୍ତଙ୍କର ପ୍ରିୟପାତ୍ର ଥିଲେ। ତାଙ୍କର ଅକାଳ ବିୟୋଗରେ କଟକ ନଗର (ଜିଲା) କଂଗ୍ରେସ କମିଟି ସଭାପତି ଇଂ. ମହମ୍ମଦ ମୋକିମ, ଓଡ଼ିଶା ପ୍ରଦେଶ କଂଗ୍ରେସର ସାଧାରଣ ସମ୍ପାଦକ ବିଶ୍ୱଜିତ ଦାସ, ମୁଖପାତ୍ର ନିକୁଞ୍ଜ ପଶାୟତ, ସମ୍ପାଦକ ତ୍ରିଲୋଚନ ମହାନ୍ତି, କଟକ ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ପୁଷ୍ପା ସାମଲ, ଖ୍ରୀଷ୍ଟ କଲେଜର ପୂର୍ବତନ ସଭାପତି ସୁବ୍ରତ କୁମାର ନାୟକ, ଆଇନଜୀବୀ ସୁଶୀଲ ସ୍ୱାଇଁ, କାମିନୀକାନ୍ତ ମହାନ୍ତି, ଜେନା ଆଦିତ୍ୟ ପ୍ରତାପ ବାଘସିଂ, ମହମ୍ମଦ ଆରିଫଉଦ୍ଦିନ ଖାଁ ପ୍ରମୁଖ ତାଙ୍କ ଅମର ଆତ୍ମା ସଦ୍‌ଗତି କାମନା କରି ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି।



ମହାଶିବରାତ୍ରି ଅବସରରେ କଟକ ସତୀଚଉରା ଛକସ୍ଥିତ ବାବା କଟକେଶ୍ୱର ମନ୍ଦିରରେ ଶ୍ରଦ୍ଧାଳୁମାନେ ଦୀପ ଜାଳୁଛନ୍ତି।



ମହାଶିବରାତ୍ରିରେ କଟକ ସଦର ବ୍ଲକ ଅଧୀନ ପରମହଂସନାଥ ଦେବଙ୍କ ପୀଠରେ ପୂଜାର୍ଚ୍ଚନା।



କଟକ ଟାଙ୍ଗୀସ୍ଥିତ କୋଟେଶ୍ୱର ପୀଠ।

# ଭକ୍ତିର ଦୀପ ଜାଳିଲେ ଶ୍ରଦ୍ଧାଳୁ

**କଟକ ଅଫିସ, ୪।୩**

ମହାଶିବରାତ୍ରି ଅବସରରେ ସୋମବାର ସହରର ସମସ୍ତ ଶୈବପୀଠ ଚଳଚଞ୍ଚଳ ହୋଇଉଠିଥିଲା। ପ୍ରାତଃରୁ ଠାକୁରଙ୍କୁ ଦର୍ଶନ କରିବା ପାଇଁ ବିଭିନ୍ନ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗିଥିଲା। ଏହି ଅବସରରେ ମନ୍ଦିରଗୁଡିକୁ ରଙ୍ଗିନ ଆଲୋକମାଳାରେ ସଜା ଯାଇଥିବାବେଳେ କେତେକ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ମନ୍ଦିର ପରିଚାଳନା କମିଟିଗୁଡ଼ିକ ପକ୍ଷରୁ ମହାଶିବରାତ୍ରି ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ବିଶେଷକରି ସହରର ପ୍ରମୁଖ ଶୈବପୀଠରେ ଅହେତୁକ ଭିଡ଼ ହେଉଥିବା କାରଣରୁ କମିଶନରେଟ୍ ପୋଲିସ ପକ୍ଷରୁ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ପାଇଁ ଅଧିକ ଫୋର୍ସ ମୁତୟନ କରାଯାଇଥିଲା।

କଟକ ବକ୍ସିବଜାରସ୍ଥିତ ଅମରେଶ୍ୱର ମନ୍ଦିରରେ ମହାଶିବରାତ୍ରି ପାଇଁ ସବୁଠାରୁ ଅଧିକ ଭିଡ଼ ଦେଖିବାକୁ ମିଳିଥିଲା। ଏଠାରେ ଭୋର ୪ଟାରେ ପହୁଡ଼ ଖୋଲା ଯାଇ ଠାକୁରଙ୍କ ବିଭିନ୍ନ ନୀତି ପରେ ଶ୍ରଦ୍ଧାଳୁମାନେ ଦର୍ଶନ କରିଥିଲେ। ରାତି ୧୧ଟା ପରେ ମହାସ୍ନାନ, ପଞ୍ଚାମୃତ ସ୍ନାନ ବିଧି ଅନୁଯାୟୀ କରାଯାଇ ବଡ଼ସିଂହାର ବେଶ କରାଯାଇଥିଲା। ଠାକୁରଙ୍କୁ ବେଢା ପରିକ୍ରମା କରାଯିବା ପରେ ହରିହର ଭେଟ ଅନୁଷ୍ଠିତ ହୋଇଥିଲା। ଏହି ସମୟରେ ସେଠାରେ ରାତି ଉଜାଗର ରହି ଦୀପ ଜାଳୁଥିବା ଶ୍ରଦ୍ଧାଳୁମାନେ ଉପସ୍ଥିତ ଥିଲେ। ରାତି ୪ଟା ପରେ ମହାଦୀପ ଉଠିଥିଲା। ସହରର ଅନ୍ୟତମ ପ୍ରାଚୀନ ଶୈବପୀଠ ଗଡଗଡେଶ୍ୱର ମନ୍ଦିରରେ ମଧ ମହାଶିବରାତ୍ରି ପାଇଁ କେତେକ ବ୍ୟବସ୍ଥା କରାଯାଇଥିଲା। ସେଠାରେ ଭକ୍ତଙ୍କ ଲାଗି ଭଜନ ସମାରୋହ ସହ ପଣା ବ୍ୟବସ୍ଥା କରାଯାଇଥିଲା। ଏଠାରେ ରାତି ପ୍ରାୟ ୧ଟା ବେଳେ ମହାଦୀପ ଉଠିଥିଲା। ଦୋଳମୁଣ୍ଡାଇ ସ୍ଥିତ ହଟକେଶ୍ୱର ମହାଦେବ ମନ୍ଦିର ମଧ ଜାଗର ଉତ୍ସବ ପାଳିତ ହୋଇଥିଲା। ଏଠାରେ ମହାଦୀପ ରାତି ପ୍ରାୟ ୧୨ଟା ବେଳେ ଉଠିଥିଲା। ଯୋବ୍ରା ସ୍ଥିତ ପାରେଶ୍ୱର ମହାଦେବ ମନ୍ଦିରରେ ଠାକୁରଙ୍କ ଦର୍ଶନ ପାଇଁ ଭକ୍ତଙ୍କ ଗହଳି ଲାଗିଥିଲା। ଏଠାରେ ପୂର୍ବାହ୍ନରେ ରୁଦ୍ରାଭିଷେକ, ଚଣ୍ଡୀପାଠ କରାଯାଇଥିଲା। ଠାକୁରଙ୍କ ହରିହର ଭେଟ ପରେ ରାତି ପ୍ରାୟ ୧୨.୩୦ ପରେ ମହାଦୀପ ଉଠିଥିଲା। ଏହି ଅବସରରେ ଭିନ୍ନକ୍ଷମ କଳାକାରମାନଙ୍କ ଦ୍ୱାରା ସଙ୍ଗୀତ ସନ୍ଧ୍ୟା ଆୟୋଜନ କରାଯାଇଥିବା ମନ୍ଦିର ଟ୍ରଷ୍ଟି କିଶୋର ଚନ୍ଦ୍ର ଦଳାଇ କହିଥିଲେ।



କଟକ ବକ୍ସିବଜାରସ୍ଥିତ ଅମରେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା ପାଇଁ ଶ୍ରଦ୍ଧାଳୁଙ୍କ ଗହଳି।



କଟକ ଗଡ଼ଗଡ଼େଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା।



ମହାଶିବରାତ୍ରି ଅବସରରେ କଟକ ସାଆନ୍ତସାହି ଫ୍ରେଣ୍ଡସ୍ କ୍ଲବ ପକ୍ଷରୁ ଅନୁଷ୍ଠିତ ଭଜନ ସମାରୋହ।

## ନିରନ୍ତର ବିକାଶ ପାଇଁ କୃଷିର ଉନ୍ନତି ଆବଶ୍ୟକ

**ଭୁବନେଶ୍ୱର,୪।୩(ବ୍ୟୁରୋ)**

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ 'କୃଷି ଉତ୍ପାଦନ ଓ ଉତ୍ପାଦିକା ଶକ୍ତି' ସମ୍ପର୍କିତ ଜାତୀୟ ଆଲୋଚନାଚକ୍ର ଉଦ୍‌ଯାପିତ ହୋଇଯାଇଛି। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ଡ. ଦୁର୍ଗାଚରଣ ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଲୋଚନାଚକ୍ରରେ ଉପସ୍ଥାପିତ ନିବନ୍ଧ କୃଷି ସମସ୍ୟାର ସମାଧାନ ଦିଗରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ବନାରସ୍ ହିନ୍ଦୁ ବିଶ୍ୱବିଦ୍ୟାଳୟ ପ୍ରାଧ୍ୟାପକ ଡ. ମୃତ୍ୟୁଞ୍ଜୟ ମିଶ୍ର କହିଥିଲେ ନିରନ୍ତର ବିକାଶ ପାଇଁ କୃଷିର ଉନ୍ନତି ଆବଶ୍ୟକ। ଏହି ଅବସରରେ ୨୦ରୁ ଊର୍ଦ୍ଧ୍ୱ ନିବନ୍ଧ ଉପସ୍ଥାପିତ ହୋଇଥିଲା। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଫକୀର ମୋହନ ବିଶ୍ୱବିଦ୍ୟାଳୟ ଏବଂ ବନାରସ୍ ହିନ୍ଦୁ ବିଶ୍ୱବିଦ୍ୟାଳୟରୁ ଆସିଥିବା ପ୍ରାଧ୍ୟାପକ ଓ ଗବେଷକମାନେ ନିଜ ନିଜର ନିବନ୍ଧ ଉପସ୍ଥାପନ କରିଥିଲେ।

## ହେଡକ୍ୱାର୍ଟର୍ସର ସିଏମ୍‌ଇ ଉଦ୍‌ଯାପିତ

**କଟକ ଅଫିସ, ୪।୩**

କଟକ ଚହଟାସ୍ଥିତ ଆଇଏପିଏମ୍ ହାଉସରେ ଗତ ୨ ଦିନ ଧରି ଅନୁଷ୍ଠିତ ହୋଇଥିବା ୧୫ତମ ହେଡକ୍ୱାର୍ଟର୍ସ ସିଏମ୍‌ଇ (କଣ୍ଟିନ୍ୟୁଡ୍ ମେଡିକାଲ ଏଜୁକେଶନ) ତାଲିମ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୨୦୦ରୁ ଊର୍ଦ୍ଧ୍ୱ ପାଥୋଲୋଜି ବିଭାଗର ଡାକ୍ତର ଓ ପିଜି ଛାତ୍ର ଯୋଗ ଦେଇଥିଲେ। ବମ୍ବେସ୍ଥିତ ଟାଟା ମେମୋରିଆଲ ହସ୍ପିଟାଲର ଡା. ଭରତ ରେଖି ଉପସ୍ଥିତ ରହି ସ୍ତ୍ରୀ ରୋଗ ପ୍ରଜନନ ବିଭାଗ ଉପରେ ସନ୍ଦର୍ଭ ଆଲୋଚନା କରିଥିଲେ। ଏହା ବ୍ୟତୀତ ରାଜ୍ୟରେ ଥିବା ୬ଟି ମେଡିକାଲ କଲେଜର ଡାକ୍ତରମାନେ ଯୋଗଦେଇ ପ୍ରଜନନ ସମ୍ପର୍କିତ ଅନେକ ରୋଗ ଉପରେ ଆଲୋକପାତ କରିଥିଲେ। ଏହି ସ୍ୱାସ୍ଥ୍ୟସେବା ଶିବିରର ଉଦ୍‌ଘାଟନୀ ଉତ୍ସବରେ ପ୍ରଫେସର ଜୟଶ୍ରୀ ରଥ ସଭାପତିତ୍ୱ କରିଥିବାବେଳେ ପଦ୍ମଶ୍ରୀ ପ୍ରିୟମ୍ବଦା ମହାନ୍ତି ହେଜମାଦି ମୁଖ୍ୟଅତିଥି, ପ୍ରଫେସର ଗୌରୀଶଙ୍କର ଆଚାର୍ଯ୍ୟ ଅନ୍ୟଅତିଥି ଭାବେ ଯୋଗଦେଇଥିଲେ। ଡା. ଅସରନ୍ତି କର ହେଡକ୍ୱାର୍ଟର୍ସର କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ସିଏମ୍‌ଇର ମୁଖପତ୍ର ଉନ୍ମୋଚିତ ହୋଇଥିଲା। ସୋମବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଫେସର ଭରତ ରେଖି ଗ୍ରସ୍ ପାଥୋଲୋଜି ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଆୟୋଜିତ କର୍ମଶାଳାକୁ ପ୍ରଫେସର ଜ୍ଞାନେନ୍ଦ୍ର ମହାନ୍ତି ଉଦ୍‌ଘାଟନ କରିଥିଲେ। ପ୍ରଫେସର ସାରଦା ଦାସ, ପ୍ରଫେସର ଆର୍.ଏନ୍. ମଲ୍ଲିକଙ୍କ ସମେତ ବହୁ ଡାକ୍ତର ଏଥିରେ ଯୋଗଦେଇଥିଲେ।





ତାଲିମ ଶିବିରରେ ଅତିଥିମାନେ ମୁଖପତ୍ର ଉନ୍ମୋଚନ କରୁଛନ୍ତି।

## ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

**କଟକ ଅଫିସ, ୪।୩**

ନନ୍ଦନକାନନ ନିକଟସ୍ଥ ଏକ ଫାର୍ମ ହାଉସରେ ରାଣୀହାଟ ହାଇସ୍କୁଲ ୧୯୬୬ ବ୍ୟାଚ୍ ଛାତ୍ରୀଛାତ୍ରଙ୍କର ଏକ ବନ୍ଧୁମିଳନ ରବିବାର ଅନୁଷ୍ଠିତ ହୋଇଥିଲା। ପ୍ରଫେସର ଡ. ଚିଦାନନ୍ଦ ପାତ୍ରଙ୍କ ନେତୃତ୍ୱରେ ୧୨୦ରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରୀଛାତ୍ର ଏଥିରେ ଯୋଗଦେଇ ପରସ୍ପର ମଧ୍ୟରେ ଭାବ ବିନିମୟ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ କବି ସୁରେନ୍ଦ୍ର କବିତା ପାଠ କରି ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ପୁଲୱାମା ଆକ୍ରମଣରେ ଶହୀଦ ହୋଇଥିବା ଯବାନଙ୍କ ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ଏହାପରେ ୱିଙ୍ଗ କମାଣ୍ଡର ଅଭିନନ୍ଦନଙ୍କ ଅସୀମ ବୀରତ୍ୱର ପ୍ରଶଂସା କରାଯାଇ ଆଜିର ଯୁବ ସମାଜ ଅଭିନନ୍ଦନଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଆହ୍ୱାନ ଦିଆଯାଇଥିଲା। ଆମେରିକାରୁ ଆସି ଇଞ୍ଜିନିୟର ରାଜୁପତି ଏହି ସମାବେଶରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡା. ବିଶ୍ୱନାଥ ମିଶ୍ର, ଡା. ତପନ କୁମାର ମିଶ୍ର, ଅଶୋକ ଦାସ, ଇଂ. ସତ୍ୟପ୍ରକାଶ ପଟ୍ଟନାୟକ, ପ୍ରଫେସର ପ୍ରଫୁଲ୍ଲ ମହାନ୍ତି, ଡ. ସ୍ମିତା ଦାଶ, ପ୍ରଫେସର ପ୍ରଫୁଲ୍ଲ ମିଶ୍ର, କଣ୍ଠଶିଳ୍ପୀ ଗୀତା ପଟ୍ଟନାୟକ, କୃଷି ବିଶାରଦ ପ୍ରଫୁଲ୍ଲ ଜେନା, ଉଦ୍ୟାନବିତ୍ ଶ୍ରୀକାନ୍ତ ମିଶ୍ର, ଆଡଭୋକେଟ ବିବେକାନନ୍ଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

■ ଯଜ୍ଞ ମଣ୍ଡପରେ ଅଘଟଣ

## ବିଦ୍ୟୁତ୍ ଆଘାତରେ ଯୁବକ ମୃତ, ୫ ଆହତ

**ଆଠଗଡ଼,୪।୩(ସ୍ୱ.ପ୍ର.)**

ସୋମବାର ଜାଗର ଯାତ୍ରା ପାଇଁ ଶିବ ମନ୍ଦିରରେ ଯଜ୍ଞ ଅନୁଷ୍ଠିତ ହେଉଥିଲାବେଳେ ଏକ ଅଘଟଣ ଘଟିଛି। ହଠାତ୍ ବର୍ଷା ଆସିବାରୁ ଯଜ୍ଞ ମଣ୍ଡପ ନିକଟରେ ଥିବା ଷ୍ଟିଲ ରେଲିଂ ବିଦ୍ୟୁତ୍ ତାର ଲାଗି ଚାର୍ଜ ହୋଇ ଯାଇଥିଲା। ଏହି ଷ୍ଟିଲ ରେଲିଂରେ ଲାଗିଯିବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୫ଜଣ ଆହତ ହୋଇଛନ୍ତି। ଏହି ଘଟଣା ଆଠଗଡ଼ ନିକଟ ବାଙ୍କୀ ଥାନା ଅଧୀନ ରାମଚନ୍ଦ୍ରପୁର ଶିବ ମନ୍ଦିରରେ ଘଟିଛି। ମୃତକ ହେଲେ ଗ୍ରାମର ଶରତ ବେହେରାଙ୍କ ପୁଅ ସୁଧୀର ବେହେରା(୩୦)। ଆହତଙ୍କ ପରିଚୟ ମିଳି ପାରିନାହିଁ।

ସୂଚନା ଅନୁସାରେ, ଯଜ୍ଞ ମଣ୍ଡପରେ ଲଗା ଯାଇଥିବା ବିଦ୍ୟୁତ୍ ଆଲୋକର ତାର ଯଜ୍ଞ ମଣ୍ଡପ ସନ୍ନିକଟ ଷ୍ଟିଲ ରେଲିଂରେ ଗୁଡ଼ା ଯାଇଥିଲା। ତାର କଣା ଥିବାରୁ ରେଲିଂ ଚାର୍ଜ ହୋଇ ଯାଇଥିଲା। ବର୍ଷାବେଳେ ସମସ୍ତେ ରେଲିଂ ଆଡ଼କୁ ଆସିବାରୁ ସେମାନଙ୍କ ମଧ୍ୟରୁ ୫ଜଣ ଆହତ ହୋଇଥିଲେ। ଏହି ସମୟରେ ସୁଧୀର ରେଲିଂ ଉପରେ ପଡ଼ି ଯାଇଥିଲେ। ବିଦ୍ୟୁତ୍ ଆଘାତ ଲାଗିବାରୁ ସେ ସେଠାରେ ଛଟପଟ ହୋଇଥିଲେ। ଏହାଦେଖି ଲୋକେ ବିଦ୍ୟୁତ୍ ସଂଯୋଗ କାଟି ତାଙ୍କୁ ଉଦ୍ଧାର କରିଥିଲେ। ସଂଜ୍ଞାହୀନ ହୋଇ ପଡ଼ିଥିବାରୁ ତାଙ୍କୁ ଆଠଗଡ଼ ଉପଖଣ୍ଡ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ସୈନିକ ସମ୍ମାନ ସମାରୋହ



ସମାରୋହରେ ସମ୍ମାନିତ ହୋଇଥିବା ଅବସରପ୍ରାପ୍ତ ସୈନିକ।

**ଚୌଦ୍ୱାର, ୪।୨ (ଡି.ଏନ୍.ଏ.)**

ଭାଜପା ଚୌଦ୍ୱାର ମଣ୍ଡଳ ପକ୍ଷରୁ ସୋମବାର ସ୍ଥାନୀୟ ଦଳୀୟ କାର୍ଯ୍ୟାଳୟରେ ସୈନିକ ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଚୌଦ୍ୱାର ମଣ୍ଡଳ ସଭାପତି ବୈରାଗୀ ଚରଣ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ଜିଲା ଉପସଭାପତି ପ୍ରଶାନ୍ତ କୁମାର ହୋତା ଅତିଥିଭାବେ ଯୋଗଦେଇ ତିନି ସୈନ୍ୟବାହିନୀର ଅବସରପ୍ରାପ୍ତ ସୈନିକମାନଙ୍କୁ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ସେମାନେ ହେଲେ ମାନସ ରଞ୍ଜନ ବେହେରା, ବୈରାଗୀ ଚରଣ ପ୍ରଧାନ ଓ ପ୍ରଭାକର ସ୍ୱାଇଁ। ଜିଲା ପ୍ରବକ୍ତା ପ୍ରକାଶ ଚନ୍ଦ୍ର ବଡଜେନା, ଅକ୍ଷୟ କୁମାର ଭୂୟାଁ , ହଂସଚରଣ ସାହୁ, ପଦ୍ମଚରଣ ବେହେରା, ତ୍ରିଲୋଚନ ଦାସ, ରାକେଶ ବେହେରାଙ୍କ ସମେତ ବହୁ କର୍ମୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ରାଜ୍ୟ ପାଇପ ଜଳ କର୍ମଚାରୀଙ୍କ ଆନ୍ଦୋଳନ ସ୍ଥଗିତ

**କଟକ ଅଫିସ, ୪।୩**

**ମାର୍ଚ୍ଚ ୫ରୁ ଅସହଯୋଗ ଆନ୍ଦୋଳନ**

ରାଜ୍ୟ ପାଇପ ଜଳ କର୍ମଚାରୀମାନଙ୍କର ରହିଥିବା ୪ ଦଫା ଦାବିକୁ ନେଇ ମଙ୍ଗଳବାରଠାରୁ ଘୋଷଣା କରାଯାଇଥିବା କାର୍ଯ୍ୟବନ୍ଦ ଆନ୍ଦୋଳନକୁ ସଂଘର ନିଷ୍ପତ୍ତି କ୍ରମେ ସ୍ଥଗିତ ରଖାଯାଇଛି। ବିଧାୟକ ତଥା ସଂଘର ଅଧ୍ୟକ୍ଷ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ (ଜନସ୍ୱାସ୍ଥ୍ୟ ବିଭାଗ) ଏସ୍. ଲକ୍ଷ୍ମୀପତିଙ୍କ ସହ ଆଲୋଚନା କରିଥିଲା। ଏହାପରେ ସର୍ବୋଚ୍ଚ ଯନ୍ତ୍ରୀ ୪ ଦଫା ଦାବିରୁ ଗୋଟିଏ ପୂରଣ କରିଥିବାବେଳେ ଅନ୍ୟ ୩ଟି ଦାବିକୁ ଖୁବ୍‌ଶୀଘ୍ର ବିଚାରକୁ ନିଆଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଛନ୍ତି। ଏହି ସାକ୍ଷାତକାର ପରେ ଓଡ଼ିଶା ପାଇପ ଜଳ କର୍ମଚାରୀ ସଂଘର କେନ୍ଦ୍ରୀୟ କମିଟି ବୈଠକ ରବିବାର କଟକସ୍ଥିତ ନିଜସ୍ୱ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ସଭାପତି ଉମାକାନ୍ତ ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆବାହକ ହିନ୍ଦ ମଜଦୁର ସଭାର ଯୁବ ସଭାପତି ବିଜୟ ଭୂଷଣ ପତି, ସାଧାରଣ ସମ୍ପାଦକ ମନୋଜ ମହାନ୍ତି, କାର୍ଯ୍ୟକାରୀ ସଭାପତି ଅମ୍ବରୀ ଜେନା, ମଥୁରୀ ବିଶ୍ୱାଳ, ଉପସଭାପତି ଟୁନା ପଣ୍ଡା, ଡମ୍ବରୁ ସାହୁ, ସନ୍ତୋଷ ରଥ, ଶ୍ରୀଧର ନାୟକ, ଯଦୁମଣି ପ୍ରଧାନଙ୍କ ସମେତ ଓଡ଼ିଶାର ପ୍ରତି ଜିଲାର ଜିଲା ସମ୍ପାଦକ ଉପସ୍ଥିତ ଥିଲେ। ଏହି ସମସ୍ୟା ଓ ସର୍ବୋଚ୍ଚ ଯନ୍ତ୍ରୀଙ୍କ ଲିଖିତ ପ୍ରତିଶ୍ରୁତି ଉପରେ ସେମାନେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ସର୍ବସମ୍ମତି ନିଷ୍ପତ୍ତି ଅନୁଯାୟୀ ସଂଘ କାର୍ଯ୍ୟ ବନ୍ଦ ଆନ୍ଦୋଳନରୁ ଓହରି ଯାଇଥିଲେ ହେଁ ମାର୍ଚ୍ଚ ୫ରୁ ଏପ୍ରିଲ ୫ ପର୍ଯ୍ୟନ୍ତ ୧ ମାସ ପାଇଁ ଅସହଯୋଗ ଆନ୍ଦୋଳନ ଚାଲୁ ରଖିବାକୁ ଘୋଷଣା କରିଥିଲେ। ପଞ୍ଚାୟତ ସ୍ତରରୁ ସହର ପର୍ଯ୍ୟନ୍ତ ସମସ୍ତବର୍ଗର କର୍ମଚାରୀ ଅସହଯୋଗ ଆନ୍ଦୋଳନରେ ସାମିଲ ହେବେ। ମେଡିକାଲ, ଶିକ୍ଷାନୁଷ୍ଠାନ, ଛାତ୍ରାବାସ, ସର୍ବସାଧାରଣଙ୍କ ପାନୀୟଜଳ ଯୋଗାଣ କ୍ଷେତ୍ରରେ ଅସୁବିଧା ସୃଷ୍ଟି କରା ନ ଯାଇ ପ୍ରତ୍ୟେକ ଜିଲାର ଜିଲାପାଳ, ଆର୍‌ଡିସି ଏବଂ ଭୁବନେଶ୍ୱର ସହରରେ ଥିବା ସମସ୍ତ ବିଧାୟକ, ମନ୍ତ୍ରୀ, ଶାସନ ସଚିବ ଓ କେନ୍ଦ୍ରୀୟ ଅନୁଷ୍ଠାନଗୁଡ଼ିକର ଜଳ ଯୋଗାଣ କାର୍ଯ୍ୟରେ ଅସହଯୋଗ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି।

